୨୭ ଏପ୍ରିଲ ୨୦୨୫ ରବିବାର


ସମୟ




# ଭଲ ନା ଭେଲ



**ଆଜିକାଲିର ଯୁଗକୁ ଏଆଇ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ସବୁକ୍ଷେତ୍ରରେ ଏଆଇର ଉପଯୋଗ ବଢ଼ି ଚାଲିଛି । ତେବେ ଏହି ଜ୍ଞାନକୌଶଳର ସକାରାତ୍ମକ ପ୍ରଭାବ ରହିଥିବାବେଳେ କିଛି ନକାରାତ୍ମକ ପ୍ରଭାବ ମଧ୍ୟ ରହିଛି । ଏହି ନକାରାତ୍ମକତାକୁ ନେଇ ଅନେକ ସମୟରେ ବିବାଦ ମଧ୍ୟ ଦେଖିବାକୁ ମିଳିଛି ।**




ବର୍ତ୍ତମାନର ଯୁଗରେ ବିଜ୍ଞାନର ଉପଯୋଗ ସବୁଠାରୁ ଅଧିକ ହେଉଛି । ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ଆଦି ସବୁକ୍ଷେତ୍ରର ବିଜ୍ଞାନର ବ୍ୟବହାର ବଢ଼ୁଛି । ବିଜ୍ଞାନର ଏକ ଉଦ୍ଭାବନ ହେଲା ଏଆଇ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି । ଯାହାକୁ ବର୍ତ୍ତମାନ ପ୍ରତିଟି ବ୍ୟକ୍ତି ନିଜ ସୁବିଧା ପାଇଁ ଉପଯୋଗ କରିବାରେ ଲାଗିଛନ୍ତି । ନିଜ ଦୈନନ୍ଦିନ କାର୍ଯ୍ୟ ହେଉ କିମ୍ବା ଅଫିସ୍‌ରେ କୌଣସି କାର୍ଯ୍ୟ ସବୁ ସ୍ଥାନରେ ଏଆଇର ବ୍ୟବହାର ପରିବ୍ୟାପ୍ତ ହେବାରେ ଲାଗିଛି । କୌଣସି ଛୋଟ ବିଷୟରେ କିଛି ଜିଜ୍ଞାସାଥିଲେ ମଧ୍ୟ ବର୍ତ୍ତମାନ ସମସ୍ତେ ଏଆଇ ଉପରେ ନିର୍ଭରଶୀଳ ହେଉଛନ୍ତି । ତେବେ ଏହି ପ୍ରକ୍ରିୟା ଆମର ଜୀବନକୁ ସହଜ କରୁଛି ସତ ହେଲେ କିଛି ନକରାତ୍ମକ ପ୍ରଭାବ ମଧ୍ୟ ପକାଉଛି । ଏଆଇର କିଛି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରୁଛି । ବିଗତ କିଛି ମାସ ତଳେ ଏକ ରୋବଟକୁ ଆତ୍ମହତ୍ୟା କରୁଥିବାର ଦେଖିବାକୁ ମଧ୍ୟ ମିଳିଥିଲା, ଯେଉଁ ଘଟଣାଟି ଖୁବ ଭାଇରାଲ ମଧ୍ୟ ହୋଇଥିଲା । ସାଉଥ କୋରିଆରେ ଏହି ଘଟଣାଟି ଘଟିଥିଲା, ଯେଉଁଟି ଷ୍ଟ୍ରେସ ବା ଚିନ୍ତା କାରଣରୁ ରୋବଟଟି ଆତ୍ମହତ୍ୟା କରିଥିଲା । ତେବେ କିଛି କିଛି ବୈଜ୍ଞାନିକ ଏଆଇ ଆଗକୁ ମଣିଷ ସମାଜ ଉପରେ ଭାରି ପଡିବ ବୋଲି ମଧ୍ୟ ମତ ଦେଉଛନ୍ତି ।

## ଏଆଇର ସକାରାତ୍ମକତା

ଏଆଇ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ବର୍ତ୍ତମାନ ଖୁବ ଅଧିକ ବଢିଛି । ଆମ ଦୈନନ୍ଦିନ ଜୀବନରେ ଏଆଇକୁ ବ୍ୟବହାର କରି ଆମେ ଅନେକ କିଛି ସୁବିଧା ପାଇ ପାରୁଛୁ । ଶିକ୍ଷା, ସ୍ୱାସ୍ଥ୍ୟ, ଦୈନନ୍ଦିନ ଜୀବନର କାର୍ଯ୍ୟ ଆଦି ସବୁଥିରେ ଏଆଇର ଉପଯୋଗ ବଢିଛି । ଆସନ୍ତୁ ସେହିଭଳି କିଛି ଉପକାରିତା ଉପରେ ଆଲୋଚନା କରିବା ।

## ଶିକ୍ଷାର୍ଥୀ ଓ ଚାକିରିଆଙ୍କ ପାଇଁ ବରଦାନ

ଶିକ୍ଷା କ୍ଷେତ୍ରରେ ଏଆଇର ଦାନ ସବୁଠାରୁ ଅଧିକ । ସବୁଠାରୁ ଅଧିକ ବ୍ୟବହାର ବର୍ତ୍ତମାନ ଏଆଇର ଶିକ୍ଷା କ୍ଷେତ୍ରରେ ହେଉଛି । ଛାତ୍ରଛାତ୍ରୀମାନେ ସେମାନଙ୍କର ଯେ କୌଣସି ଜିଜ୍ଞାସା ସମ୍ପର୍କରେ ଚାଟ୍ ଜିପିଟିରୁ ସାହାଯ୍ୟନେଇ ବୁଝୁଛନ୍ତି । ଛାତ୍ରଛାତ୍ରୀଙ୍କୁ ଯେ କୌଣସି ବିଷୟରେ ଅଧିକ ଜାଣିବାକୁ ଇଚ୍ଛା ହେଲେ ସେମାନେ ଚାଟ୍ ଜିପିଟି ଯାହା ଏଆଇର ଏକ ଟୁଲ୍ ତାହାର ବ୍ୟବହାର କରୁଛନ୍ତି । ସେହିଭଳି ଏହି ଚାଟ୍ ଜିପିଟିରେ ଖୁବ ସହଜରେ ଓ ସରଳଭାବେ ସମସ୍ତ ପ୍ରଶ୍ନର ଉତ୍ତର ମିଳି ପାରୁଛି । ଏଥିରେ ବିଭିନ୍ନ ପ୍ରକାରର ଭିଡିଓ, ଫଟୋ, ଉଦାହରଣ ସହିତ ସମସ୍ତ ପ୍ରକାର ପ୍ରଶ୍ନର ସମାଧାନ ରହୁଛି । ସେହିଭଳି ସେମାନେ ନିଜ ମନରେ ଥିବା ସମସ୍ତ ଜିଜ୍ଞାସାର ସମାଧାନ ଚାଟ୍ ଜିପିଟିରେ କରିପାରୁଛନ୍ତି । ଏହାସହିତ ଚାଟ୍ ଜିପିଟିରେ ଯେଉଁ ଫର୍ମାଟରେ ସେମାନଙ୍କର ଉତ୍ତର ଆବଶ୍ୟକ ତାହା ମଧ୍ୟ ମିଳୁଛି । ତେଣୁ ଏଆଇ ଉପରେ ସେମାନଙ୍କର ନିର୍ଭରତା ବଢିଛି । ସେହିଭଳି ସେମାନେ ଏଠାରୁ ଖୁବ ଭଲ ବିଷୟରେ ଆର୍ଟିକିଲ୍, ଭିଡିଓ ଓ ଆକ୍ଟିଭିଟି ସମ୍ପର୍କରେ ଜାଣିବାକୁ ପାଉଛନ୍ତି । ଏପରିକି ଯେଉଁମାନେ ଗବେଷଣା ରତ ଛାତ୍ରଛାତ୍ରୀ ରହିଛନ୍ତି ସେମାନେ ମଧ୍ୟ ଚାଟ୍ ଜିପିଟିର ବ୍ୟବହାର କରି ସେମାନଙ୍କର ଆବଶ୍ୟକ ସୂଚନା




ପାଇପାରୁଛନ୍ତି । ସେହିଭଳି କେବଳ ଶିକ୍ଷାର୍ଥୀ ନୁହେଁ ଚାକିରି କରିଥିବା ବ୍ୟକ୍ତିମାନେ ମଧ୍ୟ ନିଜ କର୍ମ କ୍ଷେତ୍ରରେ ଏଆଇର ବ୍ୟବହାର କରି ଲାଭ ଉଠାଉଛନ୍ତି । ବିଭିନ୍ନ କଷ୍ଟ ବିଷୟକୁ ବୁଝିବା, ବିଭିନ୍ନ ପ୍ରୋଜେକ୍ଟ ସମ୍ପର୍କରେ ଅଧିକ ତଥ୍ୟ ବାହାର କରିବା, କୌଣସି ବିଷୟରେ ସହଜରେ ଲେଖିବା ପାଇଁ ଆବଶ୍ୟକ ହେଉଥିବା ତଥ୍ୟ ଆଦି ସେମାନେ ଚାଟ୍ ଜିପିଟିକୁ ବ୍ୟବହାର କରି ପାଇ ପାରୁଛନ୍ତି । ଯାହା ଫଳରେ ସେମାନଙ୍କର ବୃତ୍ତିଗତ ଜୀବନ ଖୁବ ସୁରୁଖୁରୁରେ ଚାଲୁଛି । ସେମାନଙ୍କର କାର୍ଯ୍ୟଦକ୍ଷତା ବଢୁଛି, ଖୁବ କମ ସମୟରେ ଅଧିକ କାମ ହୋଇ ପାରୁଛି । ସେହିଭଳି କମ୍ପାନୀମାନଙ୍କର ମଧ୍ୟ ଏହି କାରଣରୁ ଲାଭ ହେଉଥିବାର ଦେଖିବାକୁ ମିଳୁଛି ।

## ଦୈନନ୍ଦିନ କାର୍ଯ୍ୟରେ ଉପଯୋଗ

ବର୍ତ୍ତମାନ ସମସ୍ତେ ଟେକ୍ନୋଲୋଜି ଉପରେ ଖୁବ ଅଧିକ ନିର୍ଭର କରୁଛନ୍ତି । ତେବେ ଏଆଇ ଦ୍ୱାରା ପରିଚାଳିତ ଏପରି ଅନେକ ଡିଭାଇସ ରହିଛି ଯାହାକୁ ବ୍ୟବହାର କରି ଆମ ଦୈନନ୍ଦିନ କାର୍ଯ୍ୟ ସୁରୁଖୁରୁରେ ଚାଲୁଛି । ଏଆଇକୁ ବ୍ୟବହାର କରି ବିଭିନ୍ନ ଉପକରଣ ଯେପରି ସିରି, ଆଲେକ୍ସା, ଗୁଗୁଲ୍ ଆସିଷ୍ଟାଣ୍ଟ ଆଦି ନିର୍ମାଣ କରାଯାଇଛି । ଯେଉଁଗୁଡିକରେ ପାଣିପାଗ ସମ୍ପର୍କିତ ସୂଚନା, ଆଲାରାମ୍, ଲାଇଟ୍ ଜଳାଇବା, ଗୀତ ବଜାଇବା, ଫ୍ୟାନ୍ ବୁଲାଇବା, କୌଣସି କାର୍ଯ୍ୟ ପାଇଁ ରିମାଇଣ୍ଡର ଦେବା ଆଦି କରାଯାଉଛି । ଏଥିରେ ସବୁଠାରୁ ବ୍ୟବହୃତ ହେଉଛି ସ୍ମାର୍ଟ ହୋମ୍ ଡିଭାଇସ୍ ଗୁଡିକ । ଯେଉଁ ଗୁଡିକୁ ବ୍ୟବହାର କରି ସମସ୍ତେ ନିଜର ଜୀବନକୁ ସହଜ ସରଳ କରିପାରୁଛନ୍ତି ।

## ଯୋଗାଯୋଗରେ ସୁବିଧା

ବର୍ତ୍ତମାନ ଆଉ ଭାଷା କାହାପାଇଁ ଏକ ସମସ୍ୟା ହୋଇ ରହିନାହିଁ । ଯେଉଁ ଭାଷାର ଲୋକ ହୋଇଥାଆନ୍ତୁ ସହଜରେ ନିଜର କଥାକୁ ଏଆଇର ସାହାଯ୍ୟରେ ଅନୁବାଦ କରି ଅନ୍ୟ ମାନଙ୍କ ପାଖରେ ପହଞ୍ଚାଯାଇ ପାରୁଛି । ଗୁଗୁଲ୍ ଟ୍ରାନ୍ସଲେଟର ବ୍ୟବହାର କରି ସହଜରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଏହାକୁ ଅନୁବାଦ କରିହେଉଛି । ଯାହା ସାହାଯ୍ୟରେ କୌଣସି ଦେଶକୁ ଗଲେ ଭାଷାଗତ ସମସ୍ୟା ରହୁନାହିଁ ।





## ସ୍ୱାସ୍ଥ୍ୟ

ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଆଇର ବ୍ୟବହାର ସବୁଠାରୁ ବହୁଳ । ଦୈନନ୍ଦିନ ଜୀବନରେ ହେଉ କିମ୍ବା କୌଣସି ଗମ୍ଭୀର ରୋଗରେ ସବୁସ୍ଥାନରେ ବର୍ତ୍ତମାନ ଏଆଇର ପ୍ରୟୋଗ କରାଯାଉଛି । ଆଜିକାଲି ସମସ୍ତେ ନିଜ ଘରୁ ହିଁ ଫିଟ୍ ରହିବାକୁ ଚେଷ୍ଟା କରୁଛନ୍ତି । ତେଣୁ ଘରେଘରେ ଫିଟ୍ନେସ୍ ଟ୍ରାକ କରିବା ପାଇଁ ସ୍ମାର୍ଟ ଡିଭାଇସ୍ ଯେପରି ସ୍ମାର୍ଟ ଘଣ୍ଟା, ଫିଟ୍ନେସ୍ ବ୍ୟାଣ୍ଡ, ଫିଟ୍ବିଟ୍ ଆଦି ବ୍ୟବହାର କରୁଛନ୍ତି । ଏହି ଉପକରଣ ସାହାଯ୍ୟରେ ହାର୍ଟ ରେଟ୍, ଷ୍ଟେପ୍, କ୍ୟାଲୋରୀ, ନିଦ ଓ ଷ୍ଟ୍ରେସ୍ ଲେବଲକୁ ମାପି ହେଉଛି । ଏଥିରେ ରେକର୍ଡ ହେଉଥିବା ତଥ୍ୟକୁ ସମୀକ୍ଷା କରି ନିଜ ଶରୀର ପ୍ରତି ଧ୍ୟାନ ଦେଇପାରିବା । ଏଠାରୁ ଆପଣ ନିଜ ଶରୀର ଅନୁସାରେ ଆବଶ୍ୟକୀୟ ଟିପ୍ସ ନେଇପାରିବେ । କେବଳ ଶାରୀରିକ ନୁହେଁ ଏଆଇ ଆପଣଙ୍କୁ ମାନସିକ ସ୍ତରରେ ମଧ୍ୟ ସାହାଯ୍ୟ କରିଥାଏ । ଏଆଇ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଆପ ରହିଛି ଯେଉଁଗୁଡିକ ଆପଣଙ୍କୁ ମେଡିଟେସନ ଓ ବ୍ରିଦିଂ ଏକ୍ସରସାଇଜ୍ କରାଇବାରେ ସାହାଯ୍ୟ କରୁଛି । ସେହିଭଳି କିଛି କମ୍ୟୁନିକେଟିଂ ଆପ ମଧ୍ୟ ରହିଛି ଯେଉଁଥିରେ ଷ୍ଟ୍ରେସ କମାଇବା ପାଇଁ ଅପସନ୍ ରହିବା ସହିତ ମୁଡ ଟ୍ରାକିଂ ମଧ୍ୟ ହୋଇ ପାରୁଛି । ଏଆଇକୁ ବ୍ୟବହାର କରି ଜଣେ ବ୍ୟକ୍ତି ନିଜର ଡାଏଟ୍ ମଧ୍ୟ ନିୟନ୍ତ୍ରଣ କରିପାରିବ । ଇଣ୍ଟରନେଟ୍‌ରେ ଏଭଳି ଅନେକ ଆପ ରହିଛି ଯେଉଁମାନେ ନିଜର ଖାଦ୍ୟକୁ ଏଆଇର ସାହାଯ୍ୟ ନେଇ ଚୟନ କରିପାରିବେ । ତେବେ ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ରହିଛି ତେବେ ଏଥିରୁ ବିରତ ରୁହନ୍ତୁ , ଡାକ୍ତରଙ୍କ ପରାମର୍ଶରେ ଖାଦ୍ୟ ଖାଆନ୍ତୁ । ହେଲେ ଯଦି ଆପଣ ଚାହିଁବେ ଏଆଇର ସାହାଯ୍ୟ ନେବାପରେ ସେହି ଡାଏଟ୍ ଚାଟ୍‌କୁ ଡାକ୍ତରଙ୍କ ପରାମର୍ଶ କରି ଖାଇପାରିବେ । ସେହିଭଳି ଏଆଇର ସାହାଯ୍ୟରେ ଆପଣ ନିଜର ପ୍ରତିଦିନର କ୍ୟାଲୋରୀ ଧାର୍ଯ୍ୟ କରିପାରିବେ । ଯାହା ଅନୁଯାୟୀ ଆପଣ ନିଜର ପ୍ରତିଦିନର ଖାଦ୍ୟ ଓ ବ୍ୟାୟାମ ସେଟ୍ କରିପାରିବେ । ଏହା ଆପଣଙ୍କୁ ସୁସ୍ଥ ରହିବାରେ ଖୁବ ସହାୟକ ହେବ । ସେହିଭଳି ଏଆଇ ସାହାଯ୍ୟରେ ନିଜର ସ୍ୱାସ୍ଥ୍ୟକୁ ଟ୍ରାକ କରିବା ଦ୍ୱାରା ଆପଣ କୌଣସି ରୋଗ ସମ୍ପର୍କରେ ଆଗୁଆ ଜାଣିପାରିବେ, ଯାହା ଫଳରେ ଚିକିତ୍ସା କରାଇବାରେ ମଧ୍ୟ ସୁବିଧା ହେବ ।

## ପରିବହନ

ଆଜିକାଲି କୌଣସି ସ୍ଥାନକୁ ଯିବାକୁ ହେଲେ ଏହାର ରାସ୍ତା ସହଜରେ ମିଳିପାରୁଛି । ଏଆଇର ସାହାଯ୍ୟରେ ମ୍ୟାପ୍ ବ୍ୟବହାର କରି ଯେ କୌଣସି ସ୍ଥାନର ଠିକଣା ଜାଣି ହେଉଛି । ସେହିଭଳି କେଉଁ ରାସ୍ତାରେ ଗଲେ ଆପଣ ଗନ୍ତବ୍ୟସ୍ଥଳରେ ଶୀଘ୍ର ପହଞ୍ଚିପାରିବେ ସେ ନେଇ

ମଧ୍ୟ ସୂଚନା ମିଳି ପାରୁଛି । ସେହିଭଳି ବର୍ତ୍ତମାନ ଏଆଇକୁ ବ୍ୟବହାର କରି ଅନ୍‌ଲାଇନ୍ କ୍ୟାବ୍ ସର୍ଭିସ ମଧ୍ୟ ଚାଲୁ ରହିଛି । ଯାହା ଫଳରେ ଆମେ ସହଜରେ ଓ ସୁବିଧାରେ ଗୋଟିଏ ସ୍ଥାନକୁ ଆଉ ଏକ ସ୍ଥାନକୁ ଯାଇ ପାରୁଛେ ।

## ସମୟ ପରିଚାଳନା

ଦୈନନ୍ଦିନ କାର୍ଯ୍ୟ କରିବା ସମୟରେ ସମୟର ପରିଚାଳନା ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ବର୍ତ୍ତମାନ ଏଆଇ ପରିଚାଳିତ ଅନେକ ସ୍ମାର୍ଟ କ୍ୟାଲେଣ୍ଡର ଏବଂ ଟୁଲ୍ସ ମିଳୁଛି ଯାହା ଆପଣଙ୍କ ଦୈନନ୍ଦିନ କାର୍ଯ୍ୟକୁ ଖୁବ ସହଜରେ ପରିଚାଳନା କରିପାରୁଛି । କେତେବେଳେ କେଉଁ ମିଟିଂ ରହିଛି, କେଉଁ କାର୍ଯ୍ୟ ପାଇଁ କେତେ ସମୟ ଦେବେ ସେ ସମସ୍ତ ବିଷୟରେ ଏହି ଟୁଲ୍ସ ଓ ଏଆଇ କ୍ୟାଲେଣ୍ଡ୍‌ରରେ ଆପଣ ସଠିକ ପରିଚାଳନା କରିପାରିବେ । ଯାହା ଆପଣଙ୍କର କାର୍ଯ୍ୟ କରିବାର ଶୈଳୀକୁ ପରିବର୍ତ୍ତନ କରିବ ।

## ସୁରକ୍ଷା

ସୁରକ୍ଷା କ୍ଷେତ୍ରରେ ମଧ୍ୟ ବର୍ତ୍ତମାନ ଏଆଇକୁ ବ୍ୟବହାର କରଯାଉଛି । ଏହି କୃତିମ ବୁଦ୍ଧିମତାକୁ ବ୍ୟବହାର କରି ବିଭିନ୍ନ ପ୍ରକାରର ସୁରକ୍ଷା ବ୍ୟବସ୍ଥାକୁ ବିକଶିତ କରାଯାଉଛି, ଯାହାକୁ ସମସ୍ତେ ଘରେ ବ୍ୟବହାର କରିପାରିବେ । ଏହା ଫଳରେ ଖୁବ ସହଜରେ ଘର ସୁରକ୍ଷିତ ରହିବା ସହିତ ବିଭିନ୍ନ ଅନୁପ୍ରବେଶକୁ ରୋକି ହେବ ।  ସେହିଭଳି ବିଭିନ୍ନ ସାଇବର ଅପରାଧକୁ ରୋକିବାରେ ମଧ୍ୟ ବର୍ତ୍ତମାନ ଏଆଇକୁ ବ୍ୟବହାର କରାଯାଉଛି । ବ୍ୟାକିଂ ଆପ, ଡିଜିଟାଲ୍ ଫ୍ରଡ, ଫିସିଂ, ଡିଜିଟାଲ୍ ଆରେଷ୍ଟ ଆଦିକୁ ରୋକିବାକୁ ଏଆଇର ବ୍ୟବହାର କରାଯାଉଛି ।

## ନକାରାତ୍ମକତା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସିକୁ ବ୍ୟବହାର କରି କେବଳ ଯେ ଆମେ ଲାଭ ପାଉଛି ତାହା ନୁହେଁ ଏହାର କିଛି ଦିଗ ମଧ୍ୟ ଏଭଳି ରହିଛି ଯାହା ନକରାତ୍ମକତାରେ ଭରି ରହିଛି । ଏହାକୁ ମଧ୍ୟ ଜଗି ରଖି ବ୍ୟବହାର ନକଲେ ଏହା ଆମ ମଣିଷ ସମାଜ ପାଇଁ ବରଦାନ ବଦଳରେ ଅଭିଶାପ ପାଲଟିଯିବ ବୋଲି ଅନେକ ସମୟରେ ବୈଜ୍ଞାନିକମାନେ ତାଗିଦ୍ କରୁଛନ୍ତି । ତେବେ ଆସନ୍ତୁ ଜାଣିବା କଣ ରହିଛି ଏଆଇର ନକରାତ୍ମକତା ।


## ବେକାରୀ ସମସ୍ୟା ବୃଦ୍ଧି


ଏଆଇର ବ୍ୟବହାର ଆମର ବୃତିଗତ ଜୀବନକୁ ଯେତିକି ସହଜ ଓ ସରଳ କରୁଛି, ଏହାର ନକରାତ୍ମକ ପ୍ରଭାବ ମଧ୍ୟ ଏହା ଉପରେ ରହୁଛି । ଏଆଇ କାରଣରୁ ବର୍ତ୍ତମାନ ବେକାରୀ ସମସ୍ୟା ବଢୁଥିବା ଦେଖିବାକୁ ମିଳିଛି । କିଛି ଏଭଳି କ୍ଷେତ୍ର ରହିଛି ଯେଉଠାରେ ବର୍ତ୍ତମାନ ଲୋକଙ୍କ ସ୍ଥାନରେ ରୋବଟ କାମ କରିବା ଆରମ୍ଭ କରିଛନ୍ତି । ଯାହା ଫଳରେ ସେହି କର୍ମଚାରୀମାନେ ଘରକୁ ଫେରୁଛନ୍ତି । ମଣିଷଙ୍କ ତୁଳନାରେ ରୋବଟ ମାନେ ଅଧିକ ବେଗରେ କାମ କରୁଛନ୍ତି । ସେହିଭଳି ରୋବଟ ମଣିଷଙ୍କ ଠାରୁ ଅଧିକ କୁଶଳୀ ହୋଇଥିବାରୁ କିଛି କ୍ଷେତ୍ରରେ ମଣିଷଙ୍କ ସ୍ଥାନରେ ରୋବଟଙ୍କୁ କାମରେ ରଖାଯାଉଛି । ରୋବଟଙ୍କ କ୍ଷେତ୍ରରେ କାର୍ଯ୍ୟରେ ଭୁଲ ହେବାର ସମ୍ଭାବନା କମ ଥିବାରୁ କିଛି କର୍ମ କ୍ଷେତ୍ରରେ ବର୍ତ୍ତମାନ ରୋବଟଙ୍କୁ କର୍ମଚାରୀ ଭାବେ ଗ୍ରହଣ କରିବା ବଢିଛି । ଯେଉଁଗୁଡିକ ଆଗକୁ ବେକାରୀ ସମସ୍ୟା ବଢାଇବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏଆଇ ସାହାଯ୍ୟରେ ଅଧିକ ସମୟ ଲାଗୁଥିବା କାମକୁ ଖୁବ କମ ସମୟରେ କରିହେଉଛି ଯାହା ଏଆଇର ବ୍ୟବହାରକୁ ବଢାଇବାରେ ଲାଗିଛି । ବିଶେଷଭାବେ ଉତ୍ପାଦନ, ଗ୍ରାହକ ସେବା











ଓ ପରିବହନ, ହୋଟେଲ୍ ଆଦି କ୍ଷେତ୍ରରେ ବେକାରୀ ସମସ୍ୟା ଦେଖିବାକୁ ମିଳିପାରେ ବୋଲି ଏକ୍ସପର୍ଟମାନେ ମତ ପ୍ରକାଶ କରିଛନ୍ତି । ସେହିଭଳି ରୋବଟମାନେ ବର୍ତ୍ତମାନ ଖୁବ କମ ସମୟରେ ଏହି ସମସ୍ତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ଯାହା ମଣିଷଙ୍କ ଆବଶ୍ୟକତାକୁ କମାଉଛି । ଉତ୍ପାଦନ କ୍ଷେତ୍ରରେ ବିଭିନ୍ନ ସାମଗ୍ରୀକୁ ଏକାଠି କରିବା, ୱେଲ୍ଡିଂ, ପେଣ୍ଟିଂ, ପ୍ୟାକିଂ ଆଦି କାମରେ ସବୁଠାରୁ ଅଧିକ ମଣିଷଙ୍କର ଆବଶ୍ୟକତା ପଡିଥାଏ । ହେଲେ ସେହି କ୍ଷେତ୍ରରେ ବର୍ତ୍ତମାନ ଅଧିକ ରୋବଟଙ୍କୁ ଦେଖିବାକୁ ମିଳୁଛି, ଯାହା ଫଳରେ ବେକାରୀ ସମସ୍ୟା ବଢିବାରେ ଲାଗିଛି । ସେହିଭଳି କିଛି ଦେଶରେ ବର୍ତ୍ତମାନ ଏଆଇକୁ ବ୍ୟବହାର କରି ଗାଡି ଗୁଡିକୁ ଅଟୋମେଟେଡ କରାଯାଉଛି, ଯାହା ମନକୁ ମନ ବିନା ଡ୍ରାଇଭରରେ ଚାଲି ପାରୁଛି । ତେଣୁ ଡ୍ରାଇଭର ଚାକିରି ମଧ୍ୟ ବିପଦରେ ପଡିଛି । ଆଉ ଏକ ବଡ କ୍ଷେତ୍ର ହେଲା କଷ୍ଟମର ସର୍ଭିସ ବା ଗ୍ରାହକ ସେବା କ୍ଷେତ୍ର ଯେଉଁଥିରେ ବର୍ତ୍ତମାନ ଏଆଇକୁ ବ୍ୟବହାର କରି ରେକର୍ଡ ଭଏସ୍‌ର ବ୍ୟବହାର କରାଯାଉଛି । ରେକର୍ଡ ଭଏସ ସହିତ ଏଆଇ ରୋବଟମାନେ ମଧ୍ୟ ଏହି କ୍ଷେତ୍ରରେ କାମ କରୁଛନ୍ତି କଷ୍ଟମରଙ୍କୁ ଖୁବ ଭଲରେ ହ୍ୟାଣ୍ଡେଲ କରିପାରୁଛନ୍ତି । ସେହି କ୍ଷେତ୍ରରେ ମଧ୍ୟ ବେକାରୀ ସମସ୍ୟା ବଢୁଛି ।

## ଭୁଲ ତଥ୍ୟ

ବେଳେବେଳେ ଏଆଇରୁ ଆମକୁ ଭୁଲ ତଥ୍ୟ ମଧ୍ୟ ମିଳିଥାଏ । ଯଦି ଏଆଇର ଡାଟା ବେସ୍‌ରେ ଭୁଲ ତଥ୍ୟ ଥାଏ ତେବେ ଏଆଇରୁ ମଧ୍ୟ ଭୁଲ ତଥ୍ୟ ମିଳିପାରେ । ତେଣୁ ସବୁବେଳେ ଏଆଇ ଉପରେ ଭରଷା କରିବା ଠିକ୍ ନୁହେଁ । ଏଆଇରୁ ତଥ୍ୟ ଆଣିବା ପରେ ବି





ଏହାର ଯାଞ୍ଚ କରିବାର ଆବଶ୍ୟକତା ରହିଛି ।

## ଗୋପନୀୟତା ସୁରକ୍ଷାନେଇ ପ୍ରଶ୍ନ

ବର୍ତ୍ତମାନ ଏଆଇ ଦ୍ୱାରା ପରିଚାଳିତ ଅନେକ ଆପ୍‌କୁ ଆମେ ମୋବାଇଲ, ଲାପଟପ୍ , କମ୍ପ୍ୟୁଟର ଆଦିରେ ବ୍ୟବହାର କରୁଛେ । ଏହି ଆପ୍ କାରଣରୁ ଆମକୁ ଅନେକ ସୁବିଧା ମିଳୁଛି ହେଲେ ଆମର ଗୋପନୀୟତା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି । ଏହି ଆପ ମାଧ୍ୟମରେ ଆମର କିଛି ବ୍ୟକ୍ତିଗତ ତଥ୍ୟ ଲିକ୍ ହେବାର ସମ୍ଭାବନା ରହିଛି । ସେହିଭଳି ଅନେକ ସମୟରେ ବିଭିନ୍ନ ଟ୍ରେଣ୍ଡ୍ ଚାଲିଥାଏ ଯେପରି ଘିବଲି । ଏହି ସମସ୍ତ ଟ୍ରେଣ୍ଡରେ ଭାଗ ନେବା ପାଇଁ ଲୋକମାନେ ନିଜ ଗ୍ୟାଲେରୀକୁ ଏଆଇକୁ ଆକ୍ସେସ କରିବାକୁ ସୁଯୋଗ ଦେଇଥାଆନ୍ତି । ଯାହା ଫଳରେ ଆମର ଅନ୍ୟ ବ୍ୟକ୍ତିଗତ ଫଟୋ ମଧ୍ୟ ଲିକ୍ ହେବାର ସମ୍ଭାବନା ରହିଛି ।

## ସାଇବର ଅପରାଧ


ଅନେକ ସମୟରେ ବିଭିନ୍ନ ସାଇବର କ୍ରାଇମ୍‌ର ଉଦାହରଣ ଦେଖିବାକୁ ମିଳୁଛି, ଯେଉଁଥିରେ ଏଆଇ ମୁଖ୍ୟ ଭୂମିକାରେ ରହୁଛି । ଏଆଇକୁ ବ୍ୟବହାର କରି ଅନେକ କ୍ରାଇମ୍ ଯେପରି ଡିପ୍‌ଫେକ,

ଫିସିଂ, ହ୍ୟାକିଂ, ଡିଜିଟାଲ ଆରେଷ୍ଟ, ଭଏସ୍ କ୍ଲୋନିଂ, କାର୍ଡ ସ୍ୱାଇପିଂ ଭଳି ଅପରାଧକୁ ରୂପ ଦିଆଯାଉଛି । ଡିପ୍‌ଫେକ୍ ଭିଡିଓ ପାଇଁ ଏଆଇକୁ ବହୁଳଭାବେ ବ୍ୟବହାର କରାଯାଉଛି । ଏଆଇକୁ ବ୍ୟବହାର କରି ଅନ୍ୟମାନଙ୍କର ବିଶେଷଭାବେ ସେଲିବ୍ରିଟିଙ୍କର ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରାଯାଇ ସୋସିଆଲ ମିଡିଆରେ ଛଡା ଯାଉଛି । ଯାହା ସେମାନଙ୍କର ଛବି ଉପରେ ନକରାତ୍ମକ ପ୍ରଭାବ ପକାଉଛି । ସେମାନେ ଏଥିପାଇଁ ଅନେକ ମାନସିକ ଅବସାଦରେ ରହୁଥିବାର ଦେଖିବାକୁ ମିଳୁଛି । କେବଳ ସେଲିବ୍ରିଟି ନୁହେଁ ଅନେକ ସମୟରେ ଡିପ୍‌ଫେକ ପ୍ରକ୍ରିୟାରେ ସାଧାରଣ ଲୋକଙ୍କୁ ମଧ୍ୟ ହଇରାଣି କରାଯାଉଛି । ଅନେକ ଲୋକଙ୍କୁ ଅପରାଧୀମାନେ ବ୍ଲାକମେଲ କରୁଥିବାର ଦେଖିବାକୁ ମିଳୁଛି । ସେହିଭଳି ଅନେକ ସମୟରେ ଇମେଲ୍ ହ୍ୟାକ୍ କରି ମଧ୍ୟ ଅପରାଧୀମାନେ ବିଭିନ୍ନ ଅପରାଧ ଘଟାଇ ଥାଆନ୍ତି । ଇମେଲ ହ୍ୟାକ୍ କରିବା ଫଳରେ ବିଭିନ୍ନ ତଥ୍ୟ ଲିକ୍ ହେବାର ଡର ରହିଥାଏ । ଯେଉଁ ବ୍ୟକ୍ତିଗତ ତଥ୍ୟକୁ ବ୍ୟବହାର କରି ଅପରାଧୀ ବିଭିନ୍ନ ଲୋକଙ୍କୁ ସମସ୍ୟାରେ ପକାଇଥାଆନ୍ତି । ଏଆଇକୁ ବ୍ୟବହାର କରି ବ୍ୟାଙ୍କ ଆକାଉଣ୍ଟରୁ ଠକେଇ କରି ଅର୍ଥ ନେବାର ଉଦାହରଣ ଢେର ଅଧିକା ବଢି ଯାଇଛି । ପ୍ରତିଦିନ ଏଭଳି ଘଟଣା ସାମନାକୁ ଆସୁଛି ଯେଉଁଠାରେ ଲୋକଙ୍କୁ ପାଖକୁ ଏକ ଲିଙ୍କ ଆସୁଛି, ଯେଉଁଥିରେ କ୍ଲିକ୍ କରିବା କ୍ଷଣି ସେମାନଙ୍କର ଆକାଉଣ୍ଟ ଖାଲି ହୋଇ ଯାଉଛି । ଏହି ଲିଙ୍କ ଗୁଡିକୁ ସାଇବର ଅପରାଧୀମାନେ ଖୁବ ଚତୁରତାର ସହିତ ପ୍ରସ୍ତୁତ କରୁଛନ୍ତି ଯେପରି ଗୋଟିଏ କ୍ଲିକ୍‌ରେ ଆକାଉଣ୍ଟ ଖାଲି କରିପାରିବେ । ଆଉ ଏକ ଅପରାଧ ଯାହା ବର୍ତ୍ତମାନ ଅଧିକ ଦେଖିବାକୁ ମିଳୁଛି, ଭଏସ୍ କ୍ଲୋନିଂ । ଭଏସ୍ କ୍ଲୋନିଂ ସାହାଯ୍ୟରେ ବିଶେଷଭାବେ ବୁଢାବୁଢିଙ୍କୁ ଲୁଟ କରାଯାଉଛି । ଏଥିରେ ସେମାନେ ବୟସ୍କ ଲୋକଙ୍କର କେହି ସମ୍ପର୍କୀୟଙ୍କ ଟୋନ୍‌ରେ ସମସ୍ୟାରେ ଥିବା କହି ଅର୍ଥ ଦାବି କରି ଥାଆନ୍ତି । ସେମାନେ ଜାଣି ନପାରି ଅର୍ଥ ଦେଇଥାଆନ୍ତି । ହେଲେ ସମ୍ପର୍କୀୟଙ୍କ ଟୋନ୍‌ରେ ଅପରାଧୀମାନେ ଏହି ମିଛ ଫୋନ୍ କରିଥାଆନ୍ତି, ଯାହାକୁ ଭଏସ୍ କ୍ଲୋନିଂ କୁହାଯାଇଥାଏ । ତେବେ ଏଆଇ ବ୍ୟବହାରକୁ ନେଇ ଆମକୁ ସତର୍କ ହେବାର ଆବଶ୍ୟକତା ରହିଛି । ତେବେ ଯାଇ ଆମେ ଏହାର ଲାଭ ଉଠାଇ ପାରିବା । ସବୁବେଳେ ଏହାକୁ ନିଜର ବୁଦ୍ଧି ଲଗାଇ ଭଲ କାମ ପାଇଁ ବ୍ୟବହାର କରିବା ଦରକାର ।



## କିଭଳି ରହିବେ ସୁରକ୍ଷିତ

ଏଆଇକୁ ପରିଚାଳନା କରିବାର ଅନେକ ଉପାୟ ରହିଛି, ଯେଉଁଗୁଡିକ ଅନୁକରଣ କରିବା ଦ୍ୱାରା ଆପଣ ଏଆଇ ଦ୍ୱାରା ହେଉଥିବା କ୍ଷତିରୁ ବଞ୍ଚି ପାରିବେ । ଆପଣ ଏହାକୁ ଯେଉଁଠି ବି ବ୍ୟବହାର କରନ୍ତୁ ଯେପରି  କାର୍ଯ୍ୟାଳୟ, ଶିକ୍ଷା କିମ୍ବା ଦୈନନ୍ଦିନ କାର୍ଯ୍ୟ ନିମନ୍ତେ, ସବୁସ୍ଥାନରେ ସତର୍କତାର ସହିତ ବ୍ୟବହାର କରିବାର ଅଛି । ପ୍ରଥମରୁ ଜାଣନ୍ତୁ ଏଆଇର ବ୍ୟବହାର କେଉଁ କ୍ଷେତ୍ରରେ କରିବେ ଓ କେଉଁ କ୍ଷେତ୍ରରେ ନ କରିବେ । ଏହା ବୁଝିବା ଦ୍ୱାରା ଆପଣଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିବ । ସେହିଭଳି ଏଆଇକୁ କେଉଁଠି ବ୍ୟବହାର କରାଗଲେ ଆପଣଙ୍କୁ ସମସ୍ୟା ଆସିବ ସେ ନେଇ ଜାଣନ୍ତୁ । ଯେପରି ଆପଣ ନିଜର ଦୈନନ୍ଦିନ କାମରେ ଏଆଇକୁ ବ୍ୟବହାର କରିପାରିବେ ହେଲେ ଏହାକୁ ନିଜର କୌଣସି ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ । କୌଣସି ସମ୍ବେଦନଶୀଳ ବିଷୟ ସମ୍ପର୍କରେ ତଥ୍ୟ ଦିଅନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କର ବ୍ୟକ୍ତିଗତ ତଥ୍ୟ କୌଣସି ଅପରାଧ ଶ୍ରେଣୀର ଲୋକମାନଙ୍କ ହାତରେ ଲାଗିବାର ଆଶଙ୍କା ବଢିଥାଏ ଏବଂ ସେମାନେ ଏହାର ଅପବ୍ୟବହାର କରିବାର ଡର ରହିଥାଏ । ତେଣୁ ନିଜର ବ୍ୟକ୍ତିଗତ ତଥ୍ୟ ସବୁବେଳେ ସୁରକ୍ଷିତ ରଖନ୍ତୁ । ନିଜର ବ୍ୟାଙ୍କ୍ ତଥ୍ୟ, ଫଟୋ,ଓଟିପି, ଇମେଲ୍ ଆଦିକୁ ଏଆଇ ଠାରୁ ସୁରକ୍ଷିତ ରଖନ୍ତୁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହାର ବ୍ୟବହାର ଶିଖନ୍ତୁ । ଏଆଇ ଦ୍ୱାରା ପରିଚାଳିତ ବିଭିନ୍ନ ଆପକୁ ବ୍ୟବହାର ପୂର୍ବରୁ କିଭଳି ବ୍ୟବହାର କରିବେ ଶିଖନ୍ତୁ । ନ ଶିଖି କେବେ ବି ଭୁଲଭାଲ ବ୍ୟବହାର କରନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ଆପଣଙ୍କର ବ୍ୟକ୍ତିଗତ ତଥ୍ୟ ଲିକ୍ ହେବାର ଆଶଙ୍କା ରହିଥାଏ । ସେହିଭଳି ଅନେକ ସମୟରେ ଜାଣି ନପାରି ଅପରାଧୀଙ୍କ ହାତରେ ଆପଣଙ୍କ ବ୍ୟକ୍ତିଗତ ତଥ୍ୟ ଲାଗିବାର ଡର ରହିଥାଏ । ଯାହାକୁ ସେମାନେ ଅପରାଧିକ କାର୍ଯ୍ୟପାଇଁ ବ୍ୟବହାର କରିପାରନ୍ତି । ଆଉ ଏକ କଥାରେ ଧ୍ୟାନ ରଖନ୍ତୁ ସବୁବେଳେ ଏଆଇକୁ ବ୍ୟବହାର କଲେ ମଧ୍ୟ ମଣିଷଙ୍କ ସମ୍ପର୍କରେ ରୁହନ୍ତୁ । ଯେପରି ବିଶେଷଭାବେ ସ୍ୱାସ୍ଥ୍ୟ, ଅର୍ଥ କାରବାର, କୌଣସି ବ୍ୟକ୍ତିଗତ କାର୍ଯ୍ୟ ଆଦି ପାଇଁ ଏଆଇ ଠାରୁ ମଣିଷଙ୍କ ଉପରେ ଅଧିକ ବିଶ୍ୱାସ ରଖନ୍ତୁ । ଏଆଇ ବ୍ୟବହାର ପାଇଁ ଟେକ୍ନୋଲୋଜି ସମ୍ପର୍କରେ ଅଧିକ ଜାଣିବାର ଆବଶ୍ୟକତା ରହିଛି । ଅନେକ ସମୟରେ ଏଆଇରେ ନୂଆନୂଆ ଜ୍ଞାନକୌଶଳ ଲଞ୍ଚ ହୋଇଥାଏ । ଯେଉଁଗୁଡିକ ଜାଣିବାର ଆବଶ୍ୟକତା ରହିଛି ନହେଲେ ଆପଣ ସମସ୍ୟାରେ ପଡିବେ ।





ମୃଣାଳ
mrinalchatterjeeiimc@gmail.com

# ସାମାଜିକ ସୌଜନ୍ୟ

ଆମ ଦେଶରେ ସାମାଜିକ ସୌଜନ୍ୟର ଭାରି ଅଭାବ । ସର୍ବସାଧାରଣ ସ୍ଥାନରେ, ହାସପାତାଳ, ଶିକ୍ଷାନୁଷ୍ଠାନ, ମଠ-ମନ୍ଦିର, ଧର୍ମାନୁଷ୍ଠାନ, ଉପାସନାସ୍ଥଳୀରେ ଠେଲାପେଲା ହେବା, ବଡ଼ ପାଟିରେ ଘରକଥା ହେବା, ହେଁହେଁ ଫେଁଫେଁ ହେବା – ଏସବୁ ସାଧାରଣ ସାମାଜିକ ସୌଜନ୍ୟର ଅଭାବର ଦୃଷ୍ଟାନ୍ତ । ଧାଡ଼ିରେ ଆସିବା, ଯିଏ ଆଗରୁ ଅପେକ୍ଷା କରିଛନ୍ତି, ତାଙ୍କୁ ଆଗେ ସୁଯୋଗ ଦେବା – ଏହା ସାମାଜିକ ସୌଜନ୍ୟ । ବୟସ୍କ ଲୋକ, ଗର୍ଭବତୀ ମହିଳା ଏବଂ ଶିଶୁମାନଙ୍କୁ ଅଗ୍ର-ପ୍ରାଧାନ୍ୟ ଦେବା- ସାଧାରଣ ସୌଜନ୍ୟ । ସମୟାନୁବର୍ତ୍ତୀ ହେବା ସାଧାରଣ ସୌଜନ୍ୟ । ସାମାଜିକ ସୌଜନ୍ୟ ସଭ୍ୟତାର ନିଦର୍ଶନ । ସେ ଦୃଷ୍ଟିରୁ ଆମେ ହୁଏତ ଏଯାଏଁ ସଭ୍ୟ ହୋଇନାହୁଁ । କିଛିଦିନ ତଳେ ଲେଖିକା ଅଞ୍ଜଳି ପଟ୍ଟନାୟକ ତାଙ୍କ ସାମାଜିକ ଗଣମାଧ୍ୟମ ମଞ୍ଚରେ ଲେଖିଛନ୍ତି- ''ବନ୍ଦେଭାରତ ଟ୍ରେନରେ ଯିବାର ସବୁଠୁ ବଡ ଅସୁବିଧା ହେଲା ତୁମ ପାଖ ସିଟ୍ ବା ଆଖ ପାଖରେ ବସିଥିବା ଲୋକଗୁଡାକ ଯଦି ଯୋଗକୁ କେହି ବ୍ୟବସାୟୀ କି ବିକ୍ରି (ସେଲସ୍ ଲାଇନ୍ ର) ଲୋକ ବସିଲେ, ତେବେ କଥା ସରିଲା, ସେମାନେ ତାଙ୍କ ଅଫିସଟାକୁ ସାଙ୍ଗରେ ଧରି ଯାତ୍ରା କରୁଥିବେ... ଆଉ ଏତେ ଚିତ୍କାର କରି ତାଙ୍କର ଅଧସ୍ତନମାନଙ୍କୁ କହୁଥିବେ ଯେ ଶାନ୍ତିରେ ଆପଣ ପଢ଼ିବା ତ ଦୂରର କଥା ଟାଇପ ବି କରିପାରିବେନି... ।'' ଏମିତି ଅଭିଜ୍ଞତା ଅନେକଙ୍କର ହୋଇଥିବ । ରାତି ଟ୍ରେନରେ ଗଲାବେଳେ ସହଯାତ୍ରୀ ବାଟରେ ଓହ୍ଲେଇଲେ । ଲାଇଟ ଜାଳି ନିଜ ଜିନିଷପତ୍ର ନେଲେ, ଗଲାବେଳେ ଲାଇଟ ଲିଭେଇଲେ ନାହିଁ । ବାଟରେ କିଛି ଯାତ୍ରୀ ଉଠିଲେ । ସେମାନେ ନିଜ ଭିତରେ ଏତେ ଜୋରରେ କଥାବାର୍ତ୍ତା କରିବାକୁ ଲାଗିଲେ ଯେ ଆପଣଙ୍କ ନିଦର ସତ୍ୟାନାଶ । ଶୌଚାଳୟ ବ୍ୟବହାର କଲେ ଫ୍ଲସ କଲେନି । ଏସବୁ ହେଲା ସାମାଜିକ ସୌଜନ୍ୟ । ଏହା ଜଣେ ଘରୁ ଶିଖେ, ନ ହେଲେ ସମାଜରୁ ଦେଖି ଶିଖେ । ଆମେ ନା ଶିଖୁଛୁ ନା ଆମ ପର ପିଢ଼ିକୁ ଶିଖାଉଛୁ ।



# ଖରାଦିନ

ଖରାଦିନ ଆସିଲେ ମୋ ମନ ମାମୁଘର ଖୋଜେ, ଆମ୍ବ ତୋଟା, ଗାଁ ପୋଖରୀ କିମ୍ବା କେନାଲ ବନ୍ଧ ଖୋଜେ । ଲୁଣ-ଲଙ୍କା ଦେଇ କଞ୍ଚା ଆମ୍ବ ଖୋଜେ । ଦ୍ୱିପ୍ରହରେ ଦହି ପଖାଳ, ଶାଗ, ବଡ଼ିଚୁରା ଖୋଜେ । କଣ୍ଟୁରୀଚରଣ ଦାସଙ୍କ ରହସ୍ୟ ଉପନ୍ୟାସ ଖୋଜେ । ଖରା ମଉଳିଲେ ସାଙ୍ଗମାନଙ୍କ ସହିତ ଫୁଟବଲ ଖେଳ ଖୋଜେ । ରାତିରେ ଲଣ୍ଠନ ଆଲୁଅର ଛାଇ ଆଲୁଅରେ ଆଈ କହୁଥିବା ଭୁତ ଗପ ଖୋଜେ । ମୁଁ ଜାଣେନା ଏବକାର ଶିଶୁ-କିଶୋରମାନେ ଖରାଦିନ ଆସିଲେ କ'ଣ ଖୋଜନ୍ତି । ମୁଁ ଜାଣେନା ସେମାନେ ମାମୁଘର, ଆମ୍ବ ତୋଟା, ଗାଁ ପୋଖରୀ କିମ୍ବା କେନାଲ ବନ୍ଧ ଖୋଜନ୍ତି କି ନାହିଁ ! ଏବେ ଶୈଶବ ବଡ଼ କାର୍ଯ୍ୟ ବ୍ୟସ୍ତ । ପଢ଼ାପଢ଼ିର ଚାପ ବଢ଼ିଯାଇଛି । ଛୁଟି କମିଯାଇଛି । ତା ସହିତ ନୂଆ ଆକର୍ଷଣ ବି ତିଆରି ହୋଇଛି । ମୁଁ ଜାଣେନା, ସେମାନଙ୍କ ଖରାଦିନ ଏବେ କେମିତି ବିତୁଛି !


**ଫଟୋ: ଅମନଦୀପ ସିଂହ ସାଲୁଜା, ସମ୍ବଲପୁର**

# ଚପଲ ଚୋରି

ଆମ ଦେଶରେ ମନ୍ଦିର, ପ୍ରବଚନ ସଭା, ଭୋଜିଭାତ- ସବୁ ଜାଗାରୁ ଚପଲ ଚୋରି ହୁଏ । ଦେଓଘରରେ ଅନୁକୂଳ ଆଶ୍ରମ ବାହାରୁ ମୋ ପୁଅର ଚପଲ ଚୋରି ହୋଇଗଲା । ପୁରୀରେ ଗୋଟେ ବ୍ରତଘର ଭୋଜି ଖାଇବାକୁ ଯାଇ ମୋ ମା'ର ଚପଲ ଚୋରି ହୋଇଗଲା । ମନ୍ଦିର ବାହାରେ ଯେଉଁମାନେ ଜୋତା ଚପଲ ଛାଡ଼ି ଦିଅଁ ଦର୍ଶନକୁ ଯାଆନ୍ତି, ମୋର ମନେହୁଏ ସେମାନଙ୍କ ଅଧା ମନ ଠାକୁରଙ୍କ ପାଖରେ ଥାଏ, ଅଧ ମନ ଚପଲ ପାଖରେ । ମୋର ଗୋଟେ ବାତରା ସାଙ୍ଗ କିଛିଦିନ ମନ୍ଦିର ବାହାରୁ ଚପଲ ଚୋରି କରୁଥିଲା । ଏବେ ଦେଖୁଛି, ଯେଉଁ ମନ୍ଦିରରୁ ସେ ଜୋତା ଚୋରି କରୁଥିଲା, ସେଇଠି ଚପଲ ଷ୍ଟାଣ୍ଡ କରିଛି । କହିଲା, ଏଥିରେ ବେଶୀ ରୋଜଗାର । ଲୋକେ ଚପଲ ଚୋରି ଡରରେ ଷ୍ଟାଣ୍ଡରେ ରଖିବେ । ସେଥିପାଇଁ ଯିଏ ମୋ ଷ୍ଟାଣ୍ଡରେ ନ ରଖି ଅନ୍ୟଆଡ଼େ ରଖୁଛି – ତା ଚପଲ ମୁଁ ଚୋରି କରେଇ ଦଉଚି । ଥରେ ଚୋରି ହେଲେ ଆର ଥରକୁ ବାପକୁ ମଉସା ଡାକି ଚପଲକୁ ଷ୍ଟାଣ୍ଡରେ ରଖିବ ।


# ଲୋକସମ୍ପର୍କ ଓ କର୍ପୋରେଟ ଯୋଗାଯୋଗ

ଏପ୍ରିଲ ୨୧ ଥିଲା 'ଜାତୀୟ ଲୋକସମ୍ପର୍କ ଦିବସ' । ଲୋକସମ୍ପର୍କର ଗୁରୁତ୍ୱକୁ ରେଖାଙ୍କିତ କରିବା ପାଇଁ ପ୍ରତିବର୍ଷ ଏ ଦିବସ ପାଳନ କରାଯାଏ । ଗତବର୍ଷ ଏହି ଦିନରେ 'ଲୋକସମ୍ପର୍କ ଓ କର୍ପୋରେଟ ଯୋଗାଯୋଗ' ବହିଟି ପ୍ରକାଶିତ ହୋଇଥଲା । ଏ ବିଷୟରେ ଓଡ଼ିଆ ଭାଷାରେ ଏହା ସମ୍ଭବତଃ ପ୍ରଥମ ସମ୍ପୂର୍ଣ୍ଣ ପୁସ୍ତକ ।




# ନୂଆ 'ଶୋଲେ'

ଆସନ୍ତା ଅଗଷ୍ଟ ମାସରେ 'ଶୋଲେ' ସିନେମାର ୫୦ ବର୍ଷ ପୂରିବ । ନୂଆ ଭାରତରେ 'ଶୋଲେ'ର ଚରିତ୍ରମାନେ କେମିତି ଅଛନ୍ତି ଦେଖିବା ଚାଲନ୍ତୁ । ଜୟ ଆଉ ବିରୁ ଏବେ ଟ୍ରେନରେ ନୁହେଁ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତିଆରି ପକ୍କା ରାସ୍ତାରେ ପହଞ୍ଚିଲେ ରାମଗଡ଼ । ବସନ୍ତି ଏବେ ଆଉ ଟାଙ୍ଗା ଚଲଉନି । ଲାଡ଼ଲି ବେହେନା ଯୋଜନାରେ ସେ ଗୋଟେ ଟ୍ୟାକ୍ସି କିଣିଛି । ସେ ନିଜେ ତାକୁ ଚଲଉଛି । ଠାକୁର ଏବେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ପ୍ରସ୍ଥେଟିକ ହାତ ପାଇଛନ୍ତି । ରାମଲାଲର ଚାକିରି ଯାଇଛି । ରାଧା ଆଉ ଲଣ୍ଠନ ଜାଳୁନି । ସୌଭାଗ୍ୟ ଯୋଜନାରେ ତାଙ୍କ ଘରେ ବିଜୁଳି ଆସିଯାଇଛି । ଗବ୍ବର ସିଂ ଏବେ ଆଉ 'ହୋଲି କବ ହୈ... କବ ହୈ ହୋଲି...?' ବୋଲି ସମସ୍ତଙ୍କୁ ପଚାରୁନି । ଡିଜିଟାଲ ଭାରତର ଶସ୍ତା ଇଣ୍ଟରନେଟ ସୌଜନ୍ୟରୁ ସେ ହୋଲି କେବେ ତାହା ନିଜ ମୋବାଇଲରୁ ସହଜରେ ଜାଣିପାରୁଛି । ବିରୁ ବସନ୍ତୀ ସହିତ ମନ୍ଦିରରେ ନାରେ ନାରେ ହେଉଥିଲା – ସେଥିପାଇଁ ସୋସିଆଲ ମିଡ଼ିଆରେ ତାକୁ ଖୁବ ଟ୍ରଲ କରାଯାଇଛି । ଆମ୍ବ ବଗିଚାରେ ବସନ୍ତୀକୁ ଆମ୍ବ ତୋଳିଦେବା ବାହାନାରେ କୁଣ୍ଢେଇ ଧରିବାକୁ ଜାତୀୟ ମହିଳା କମିଶନ ଭଲ ଆଖିରେ ଦେଖିନାହାନ୍ତି । ବିରୁକୁ ଏଥିପାଇଁ ଗୋଟେ 'କାରଣ ଦର୍ଶାଅ' ନୋଟିସ ପଠାଯାଇଛି । ଗବ୍ବର ସିଂ ଏବେ ଆଉ ଡକାୟତି କରୁ ନାହିଁ । ପ୍ରଧାନମନ୍ତ୍ରୀ ଗରିବ




କଲ୍ୟାଣ ଅନ୍ନ ଯୋଜନାରେ ସେ ନିୟମିତ ଚାଉଳ, ଗହମ, ଡାଲି, ଚିନି, କିରାସିନି ପାଇ ଯାଉଛି । ରାଧା ଏବଂ ବସନ୍ତୀ ଜୟ ଏବଂ ବିରୁକୁ ମୁଖ୍ୟ ମନ୍ତ୍ରୀ କନ୍ୟାଦାନ ଯୋଜନାରେ ବାହା ହୋଇ ଯାଇଛନ୍ତି । ସେମାନଙ୍କ ପିଲାମାନେ ଏବେ ପିଏମଶ୍ରୀ ସ୍କୁଲରେ ପଢୁଛନ୍ତି । ମୋସୀ ଏବେ ସୁଭଦ୍ରା ଟଙ୍କା ପାଇ ସୁଖରେ ଅଛନ୍ତି ।





## ଫିଟ୍ ପାଇଁ ଯୋଗ

କରୀନା କପୁର ଇଣ୍ଡଷ୍ଟ୍ରୀର ଏଭଳି ଏକ ଅଭିନେତ୍ରୀ ଯିଏ ନିଜର ଫିଟନେସ୍ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି । ତେବେ ନିକଟରେ ତାଙ୍କ ଫିଟ୍‌ନେସ କୋଚ ବା ଟ୍ରେନର ଏହାର ରାଜ ଖୋଲିଛନ୍ତି । ତାଙ୍କ ମତରେ କରୀନା କେବେ ବି ନିଜର ଓଜନ ହ୍ରାସ କରିବା ପଛରେ ପଡନ୍ତି ନାହିଁ । ସେ ସବୁବେଳେ ଫିଟ୍ ରହିବାକୁ ଚେଷ୍ଟା କରନ୍ତି । ସେହିଭଳି କରୀନା ନିଜେ ନିଜର ଫିଟ୍‌ନେସ ପାଇଁ ଖୁବ ସଚେତନ । ଏହାସହ ସେ ଜଣେ ଯୋଗ ପ୍ରେମୀ, ଯାହା ତାଙ୍କୁ ଏହି ଫିଟ୍‌ନେସ ଦେବାରେ ଖୁବ ସହାୟକ ହୋଇଥାଏ ବୋଲି ଟ୍ରେନର ପ୍ରକାଶ କରିଛନ୍ତି । ବର୍ତ୍ତମାନ ସେ ୪୦ ବର୍ଷରୁ ଅଧିକ ବୟସର ହୋଇଥିଲେ ବି ଖୁବ ଗ୍ଲାମରସ ଓ ଫିଟ୍ ଦେଖାଯାଆନ୍ତି । କରୀନା ସବୁବେଳେ ନିଜ ଶରୀର ପ୍ରତି ଖୁବ ଧ୍ୟାନ ଦେଇଥାଆନ୍ତି ବୋଲି ତାଙ୍କ ଟ୍ରେନର ପ୍ରକାଶ କରିଛନ୍ତି ।

## ମର୍ଦାନୀ ୩କୁ ନେଇ ଉତ୍ସାହିତ

ଖୁବଶୀଘ୍ର ପରଦାକୁ ରାଣୀ ମୁଖାର୍ଜୀଙ୍କ ଅଭିନୀତ ମର୍ଦାନୀ ୩ ଆସିବାକୁ ଯାଉଛି । ଏହି ଫିଲ୍ମରେ ରାଣୀଙ୍କ ବ୍ୟତିତ ଦର୍ଶକ ନବାଗତା ଜାନକୀ ବୋଦିୱାଲାଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ପାଇବେ । ନିଜର ଏହି ପ୍ରୋଜେକ୍ଟକୁ ନେଇ ସେ ମଧ୍ୟ ଖୁବ ଉତ୍ସାହିତ ଅଛନ୍ତି । ପୂର୍ବରୁ ଜାନକୀଙ୍କୁ ଶୈତାନରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ତାଙ୍କ ଅଭିନୟକୁ ଦର୍ଶକ ଖୁବ ଭଲ ପାଇବା ଦେଇଥିଲେ । ଏଥିରେ ସେ ଆର୍ ମାଧବନଙ୍କ ସହିତ ସ୍କ୍ରିନ ସେୟାର କରିଥିଲେ । ସେହିଭଳି ବର୍ତ୍ତମାନ ସେ ସୁପରଷ୍ଟାର ରାଣୀଙ୍କ ସହିତ ସ୍କ୍ରିନ ସେୟାର କରିବାକୁ ଯାଉଥିବାରୁ ଖୁବ ଖୁସି ଅଛନ୍ତି । ବର୍ତ୍ତମାନ ଫିଲ୍ମର ସୁଟିଂ ଆରମ୍ଭ ହୋଇ ସାରିଥିବା ସୂଚନା ରହିଛି ।



## କ୍ୟାମେରାକୁ ଡରିଥିଲେ

ଜଣେ ଅଭିନେତ୍ରୀଙ୍କର କେବେ ହେଲେ ବି କ୍ୟାମେରାକୁ ଡର ନଥାଏ । ଯେତେବେଳେ ସେମାନେ ପ୍ରଥମେ କ୍ୟାମେରା ଫେସ୍ କରନ୍ତି ସେତେବେଳେ ଡର ଥାଏ, କିନ୍ତୁ ପରେ ଆଉ ଏହା ରହି ନଥାଏ । ହେଲେ ଅଭିନେତ୍ରୀ ଦିୟା ମିର୍ଜାଙ୍କ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ଯେତେବେଳେ ସେ ୨ ବର୍ଷର ବ୍ରେକ ପରେ ପୁଣି ଇଣ୍ଡଷ୍ଟ୍ରୀକୁ ଫେରିବାକୁ ଇଚ୍ଛା କରିଥିଲେ, ସେତେବେଳେ ସେ ଏକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ସେତେବେଳେ ତାଙ୍କୁ କ୍ୟାମେରାକୁ ଡର ଲାଗୁଥିବା ସେ ପ୍ରକାଶ କରିଛନ୍ତି । ତେଣୁ ଏହି ଟାଇମ୍‌ରେ ସେ ଖୁବ ଭାବିଚିନ୍ତି ପ୍ରୋଜେକ୍ଟ ସାଇନ କରୁଥିଲେ । ଯେଉଁ କାରଣରୁ ସେ ସେହି ସମୟରେ ଖୁବ କମ ଫିଲ୍ମରେ ଦେଖିବାକୁ ମିଳୁଥିଲେ ବୋଲି ଦିୟା ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।



## ସିଦ୍ଧାର୍ଥଙ୍କ ରାଗ

ସିଦ୍ଧାର୍ଥ ମଲହୋତ୍ରା ଓ କିୟାରା ଆଡଭାନୀ ଖୁବଶୀଘ୍ର ନିଜର ସନ୍ତାନକୁ ସ୍ୱାଗତ କରିବେ, ଯେଉଁଥିପାଇଁ ସିଦ୍ଧାର୍ଥ ଖୁବ ଜୋରରେ ନିଜ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ବର୍ତ୍ତମାନ ସେ ସବୁଠାରୁ ଅଧିକ କିୟାରାଙ୍କର ସୁରକ୍ଷା ଉପରେ ଧ୍ୟାନ ଦେଉଛନ୍ତି । ନିକଟରେ ଉଭୟଙ୍କୁ ଏକ ଡାକ୍ତରଖାନା ବାହାରେ ଦେଖିବାକୁ ମିଳିଥିଲା । ହେଲେ ସେଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ସିଦ୍ଧାର୍ଥ ରାଗିଥିବା ଦେଖିବାକୁ ମିଳିଥିଲା । ସିଦ୍ଧାର୍ଥ ସେମାନଙ୍କୁ ଫଟୋ ଉଠାଇବାକୁ କିମ୍ବା କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ, ହେଲେ ପାପରାଜିମାନେ ଏହାକୁ ଶୁଣିବା ପରିସ୍ଥିତିରେ ନଥିଲେ । ତେଣୁ ସିଦ୍ଧାର୍ଥ ରାଗିଥିବା ଜଣା ପଡିଛି । ଏହି ସମୟର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ୟୁଜର୍ସମାନେ ପାପରାଜିଙ୍କୁ ନିଜ ସୀମାରେ ରହିବାକୁ ପରାମର୍ଶ ଦେଉଥିବା ଦେଖିବାକୁ ମିଳୁଛି ।



## ପିଛା ଛାଡୁନି ବିବାଦ

ବିବାଦ କଙ୍ଗନାଙ୍କ ଫିଲ୍ମ ଏମରଜେନ୍ସିର ପିଛା ଛାଡୁନି । ଅନେକ ବିବାଦ ପରେ ଏହି ଫିଲ୍ମ ରିଲିଜ୍ ହୋଇଥିଲା, ହେଲେ ବର୍ତ୍ତମାନ ପୁଣି ଏକ ବିବାଦରେ ଫସିଛି । ସୂଚନା ଅନୁସାରେ ବରିଷ୍ଠ ଲେଖିକା ତଥା ସାମ୍ବାଦିକା କୁମି କପୁର ଫିଲ୍ମ ନିର୍ମାତାଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି । ଅଭିଯୋଗ ଅନୁସାରେ ଫିଲ୍ମରେ ଐତିହାସିକ ତଥ୍ୟକୁ ବଦଳାଇ ଭିନ୍ନ ଢଙ୍ଗରେ ଚିତ୍ରଣ କରାଯାଇଛି । ସୂଚନା ଅନୁସାରେ ଦି ଏମରଜେନ୍ସି – ଏ ପର୍ସନାଲ ହିଷ୍ଟ୍ରୀର ଲେଖିକା ହେଉଛନ୍ତି କୁମି । ସେ କଙ୍ଗନାଙ୍କ ପ୍ରଡକସନ୍ ମଣିକର୍ଣ୍ଣିକା ଫିଲ୍ମସ ଓ ପେଙ୍ଗୁଇନ୍ ର୍ୟାଣ୍ଡମ ହାଉସ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ । ଯେଉଁଥିରେ ସେ ନିଜ ବହିକୁ ଏକ ଫିଲ୍ମରେ ରୁପାନ୍ତରିତ ପାଇଁ ଅନୁମତି ଦେଇଥିଲେ । ହେଲେ ବର୍ତ୍ତମାନ ସେହି ଚୁକ୍ତିର ଉଲ୍ଲଘଂନ ହୋଇଥିବା ସେ ଅଭିଯୋଗ କରିଛନ୍ତି ।



# ଅକଲ ମକଲ ଟକଲ ଟିଆଁ

**ସୁଦର୍ଶନ ମହାପାତ୍ର**
କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

ଅକଲ ମକଲ ଟକଲ ଟିଆଁ
ମା' ସଙ୍ଗେ ଦେଖରେ ବୁଲନ୍ତି ଚିଆଁ
କାହାକୁ ବା ତାଙ୍କ ଡର
ପୋକଜୋକ ଯେତେ ଖୁଣ୍ଟି ସେ ଖାଆନ୍ତି
ଆହା କି ଖୁସି ତାଙ୍କର ।।
ଅକଲ ମକଲ ଟକଲ ଟିଆଁ
କଅଁଳା ବାଛୁରୀ ମାରଇ ଡିଆଁ
ଭୋକ ହେଲେ ମା ଠୁ ଖାଏ
ନଜରରୁ କେବେ ଦୂରେଇ ଗଲେ ସେ
ମାଆ ହମ୍ବା ରଡ଼ି ଦିଏ ।।
ଅକଲ ମକଲ ଟକଲ ଟିଆଁ
ମାନି ଖେଳୁଅଛି ଦଉଡ଼ି ଡିଆଁ
ଏଇଟା ଭଲ ବ୍ୟାୟାମ
ବାସ୍କେଟବଲରେ ରୁଚି ଅଛି ତା'ର
ରଖିବ ଦେଶ ସୁନାମ ।।
ଅକଲ ମକଲ ଟକଲ ଟିଆଁ
ରାଉ ରାଉ ହୁଏ କାଳିଆ ଭୁଆଁ
ଖୋଜଇ କିବା ଆହାର
ମୂଷା ଯାକ ଡରି ଲୁଚିଛନ୍ତି କାହିଁ
ଭୁଆଁ ଭୋକେ ହରବର ।।
ଅକଲ ମକଲ ଟକଲ ଟିଆଁ
ମୁନା ଧରିଥିଲା ଦୁଇଟି ମୁଆଁ
ପଢ଼ିବ ସେ ଖାଇସାରି
କାଉ କା' ଶୁଣି, ତାକୁ ଦେଇ ଗୋଟେ
ଖୁସି ହେଲା ସିଏ ଭାରି ।।
ଅକଲ ମକଲ ଟକଲ ଟିଆଁ
ମାନିବାନି ପିଲେ ଛୁଆଁ ଅଛୁଆଁ
ଅବା କେଉଁ ଭେଦଭାବ
ଏକମନ ଏକପ୍ରାଣ ହୋଇ ଆମେ
ରଖିବା ଦେଶ ଗୌରବ ।।

# ହେବିରେ ପିଲେ ମୁଁ ହେବି

ହେବିରେ ପିଲେ ମୁଁ ହେବି
ଧରମା ପରି ମୁଁ ହେବି,
ଭଲ କାମ କରି ଦେଶ ଓ ଜାତିର
ମହତ ମୁଁ ରଖିଯିବି ।।
ହେବିରେ ପିଲେ ମୁଁ ହେବି
ବାଜିଆ ଭଳିକା ହେବି,
ସାହସୀ ହୋଇକି ମାଟି ମାଆ ପାଇଁ
ଜୀବନ ସଅଁପି ଦେବି ।।
ହେବିରେ ପିଲେ ମୁଁ ହେବି
ମଧୁବାବୁ ପରି ହେବି,
ମନ ଦେଇକି ମୁଁ ଭଲ ପାଠ ପଢି
ବଡ଼ ଲୋକ ବୋଲାଇବି ।।
ହେବିରେ ପିଲେ ମୁଁ ହେବି
ଗୋପବନ୍ଧୁ ପରି ହେବି,
ଜନସେବା କରି ଗରିବଙ୍କ ମୁହେଁ
ଆହାର ମୁଠାଏ ଦେବି ।।

**ଯଜ୍ଞଦତ୍ତ ସାମନ୍ତରାୟ**
ସଂପାଦକ, ଅନୁରାଗର ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ
ମୋ:୯୩୩୭୪୪୯୨୪

# ଶ୍ରମିକ ହେବି ମୁହିଁ

ସକାଳୁ ହଳ ଲଙ୍ଗଳ ନେଇ
ଚାଷୀ କରୁଛି ଚାଷ
କାମରେ ତା'ର ଦୁନିଆ ମୁଖେ
ଫୁଟାଏ ଧାରେ ହସ ।।
କରଣୀ ଧରି ଶ୍ରମିକଟିଏ
ସୁନ୍ଦର ଘର ତୋଳେ
ହସଖୁସିର ସଂସାର ନେଇ
ରହେ ତାହାରି ତଳେ ।।
ଗାଡ଼ି ମଟର ରେଳ ଜାହଜ
ଚଳାଇ କରେ ପାରି
ଛୁଆ ପିଲାଙ୍କ ଦାନା ବସନ
ଚଳାଏ ତହୁଁ ଧରି ।।
ବିଜ୍ଞାନ ବଳେ ଖୋଜି ଚାଲିଛି
କରି ସେ କଉଶଳ
ତାହାରି ଯୋଗୁ ବାଟରେ ପାଦ
ନହୁଏ ଟଳମଳ ।।
ସପନ ଦେଖି ପୂରା କରିବା
କାମରେ ଲାଗିଯାଏ
ହାତକୁ ତା'ର ପାଚିଲାଫଳ
ଆସଇ ଛାଏଁ ଛାଏଁ ।।
ଟିକି ଡଇର ବିରାଟ ହୁଙ୍କା
ଗଢ଼ିବା କାମ ଦେଖି
ଭାଙ୍ଗୁ ପଛକେ ଥରକୁଥର
ଗଢ଼ାରେ ରହେ ଲାଖି ।।
ମନ ଲଗାଇ ପଢ଼ିଲେ ପାଠ
ହୋଇବ ଦିନେ ବାବୁ
ଦୁଷ୍ଟ ବଇରୀ ତୁଟିକୁ ଧରି
କରିବ ତାକୁ କାବୁ ।।
ଭୟ ନକରି କୁହରେ ଆଜି
ଶ୍ରମିକ ହେବି ମୁହିଁ
ଦୁନିଆ ଭାର ମୋହରି କାନ୍ଧେ
ନେବି ଆଗକୁ ବାହି ।।

**ମହେନ୍ଦ୍ର କୁମାର ଘଡ଼େଇ**
କଟରପଡ଼ା, ପିଠାପଡ଼ା,
ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬

# ବୈଶାଖ ଆସଇ ଧାଇଁ

ବୈଶାଖ ଆସଇ ଧାଇଁଧାଇଁ
ଖରା ତ ମାରୁଛି ଟାଇଁଟାଇଁ
କାଳ ବଇଶାଖୀ ସାଇଁସାଇଁ
ଶୋଷ ମାରିବାକୁ ହାଇଁହାଇଁ ।।
ବଇଶାଖ କହେ ଶୁଣଶୁଣ
ଟାଣ ଖରା ହେବ ପୁଣପୁଣ
ପଟାଳିରେ ଶାଗ ବୁଣବୁଣ
ଶାଗ ପଖାଳର ଗୁଣ ଗୁଣ ।।
ପଡ଼ିଆ ପଡ଼ିଛି ମାଣମାଣ
ଅଂଶୁଘାତ ଭୟ ଜାଣଜାଣ
ବେତ ଚେର ଜାଲି ଟାଣଟାଣ
ଶୀତତାପ ଯନ୍ତ୍ର ଆଣଆଣ ।।
ଦହି ସରବତ ପିଅପିଅ
କାକୁଡି କିଣିକି ନିଅନିଅ
ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅଦିଅ
ଶାନ୍ତିରେ ଜୀବନ ଜୀଅଜୀଅ ।।
ଖରାବେଳେ ତୋଟା ଖସଖସ
ଗଛ ଛାଇ ଦେଖି ବସବସ
କୋଇଲି ନାନୀଟା ହସହସ
ଗୀତ ତା ସରସ ରସରସ ।।
ଖରାବେଳ ଲାଗେ ଖାଲିଖାଲି
କାଜୁ ହଳଦିଆ ନାଲିନାଲି
ଖରାରେ ବୁଲନି ଚାଲିଚାଲି
ମରୀଚିକା ଦିଶେ ଜାଲିଜାଲି ।।

**ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଗଁଦିଆ ପାଟଣା,
ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩










# ସୁନାର ବିକଳ୍ପ

**ବର୍ତ୍ତମାନ ବଢୁଥିବା ସୁନାର ମୂଲ୍ୟ ସମସ୍ତଙ୍କୁ ଚିନ୍ତାରେ ପକାଇଛି । ବିଶେଷଭାବେ ଯେଉଁମାନେ ବିବାହ ପାଇଁ ପ୍ରସ୍ତୁତ ହେଉଛନ୍ତି, ସେମାନଙ୍କ ପାଇଁ ଏହା ଏକ ସମସ୍ୟା ପାଲଟିଛି । ତେବେ ଏଭଳି କିଛି ଗହଣା ରହିଛି ଯାହାକୁ ଆପଣ ସୁନା ଗହଣା ପରିବର୍ତ୍ତେ ପିନ୍ଧି ପାରିବେ । ଆସନ୍ତୁ ଜାଣିବା ସେହିଭଳି କିଛି ଗହଣା ସମ୍ପର୍କରେ ।**



## କୁନ୍ଦନ ଗହଣା

କୁନ୍ଦନ ଗହଣା ଆପଣଙ୍କୁ ଏକ ରୟାଲ ଲୁକ୍ ଦେବାରେ ଖୁବ ସାହାଯ୍ୟ କରିବ । ସୁନା ବଦଳରେ ନିଜ ଡ୍ରେସ୍‌କୁ ମ୍ୟାଚ୍ କରିବା ଭଳି ଏହାକୁ ପିନ୍ଧିପାରିବେ । ଏଥିରେ ଚୋକର, କାନଫୁଲ, ଚୁଡି, ମଥା ସିନ୍ଥି ଭଳି ସମସ୍ତ ଗହଣା ରହିଛି । ଏହା ବଜାରରେ ବିଭିନ୍ନ ପ୍ରକାରର ସହିତ କମ୍ ଦାମରେ ମଧ୍ୟ ମିଳିଥାଏ ।

## ପର୍ଲ ଜୁଏଲାରୀ

ପର୍ଲ ବା ମାଳି ଜୁଏଲାରୀ ମଧ୍ୟ ବର୍ତ୍ତମାନ ଟ୍ରେଣ୍ଡ୍‌ରେ ରହୁଛି । ଏଗୁଡିକର ଡିଜାଇନ୍ ଖୁବ କ୍ଲାସିକ୍ ହୋଇଥାଏ ଯାହା କନ୍ୟାଙ୍କ ପାଇଁ ଏକ ଗର୍ଜିଅସ ଲୁକ୍ କ୍ରିଏଟ୍ କରିଥାଏ । ଏହାକୁ ମଧ୍ୟ ନିଜ ଶାଢି କିମ୍ବା ଲେହେଙ୍ଗା ସହିତ ମ୍ୟାଚ କରି ଆଣନ୍ତୁ ଖୁବ ସୁନ୍ଦର ଲୁକ ମିଳିବ ।

## ଷ୍ଟୋନ୍ ୱାର୍କ ଜୁଏଲାରୀ

ଏହା ସବୁଠାରୁ ଭଲ ଅପସନ୍ । ଏହା ଖୁବ ମଡର୍ଣ୍ଣ ଲୁକ ଦେଇଥାଏ, ଏହାର ଓଜନ କମ ହୋଇଥିବାରୁ ଏହାକୁ ସମସ୍ତେ ପସନ୍ଦ କରନ୍ତି । ସେହିଭଳି ଏହାର ଦାମ କମ ହୋଇଥିବାରୁ ସୁନା ବଦଳରେ ଏହାକୁ ଆପଣ ଚୟନ କରିପାରିବେ । ଏହାର ବିଭିନ୍ନ ପ୍ରକାରର ଡିଜାଇନ ବଜାରରେ ମିଳିଥାଏ ।

## ୱାନ୍‌ଗ୍ରାମ ଗୋଲ୍ଡ

ସୁନା ବଦଳରେ ବର୍ତ୍ତମାନ ଏହାର ବ୍ୟବହାର ଖୁବ ବେଶି ହେଉଛି । ଏହି ଗହଣାରେ ଅବିକଳ ସୁନା ଭଳି ଦେଖାଯାଉଥିବା ଗହଣା ମିଳୁଛି । ହେଲେ ଏଗୁଡିକ ୱାନ୍ ଗ୍ରାମ ଗୋଲ୍ଡ ହୋଇଥାଏ । ଏଥିରେ ଖୁବ ଭଲଭଲ ଡିଜାଇନ୍ ରହିଥାଏ ଯାହାକୁ ଆପଣ ଶାଢି ଓ ଲେହେଙ୍ଗା ସହିତ ମ୍ୟାଚ କରି ଆଣି ପାରିବେ ।

## କଷ୍ଟମ୍ ଜୁଏଲାରୀ

ଆଜିକାଲି କଷ୍ଟମ୍ ଡିଜାଇନ୍ ଖୁବ ଚାଲିଛି । ସମସ୍ତେ ନିଜର ଶାଢି ଠାରୁ ଆରମ୍ଭ କରି ଗହଣା ସବୁକୁ ନିଜ ଇଚ୍ଛା ଅନୁସାରେ କଷ୍ଟମ କରି ପିନ୍ଧୁଛନ୍ତି । ଏଗୁଡିକ ତମ୍ବା ଉପରେ ସୁନା କିମ୍ବା ରୁପାର ପରତ ଦିଆଯାଇ ପ୍ରସ୍ତୁତ କରାଯାଇଥାଏ । ନିଜ ନାମ କିମ୍ବା ଫଟୋ ଦେଇ ଏହାକୁ ପ୍ରସ୍ତୁତ କରାଇପାରିବେ । ଏହା ଆପଣଙ୍କୁ ଏକ ନିଆରା ଲୁକ୍ ଦେବ । ଏହାକୁ ସୁନା ଗହଣା ପରିବର୍ତ୍ତେ ପିନ୍ଧିପାରିବେ ।




ବୈଶାଖ ଶୁକ୍ଳ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପରିଚିତ । ଏହି ଦିନକୁ ଔପଚାରିକ ଭାବେ ସରକାରୀ ସ୍ତରରେ କୃଷକ ଦିବସ ରୂପେ ମଧ୍ୟ ପାଳନ କରାଯାଏ । କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି । କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ । ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ବ୍ରତ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୁଏ । ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠିଦେବୀ'ଙ୍କ ପୂଜା କରନ୍ତି । ଏହି ଦିନ ଘଡି ପତୁଲି ପୂଜାର ବିଧି ମଧ୍ୟ ସ୍ଥାନେସ୍ଥାନେ ରହିଛି । ଘଡିରେ ମୁଢ଼ି, ଚୁଡା, ମୁଆଁ, ବିଭିନ୍ନ ଫଳ ଦେଇ ଏହି ପୂଜା କରାଯାଇଥାଏ । ପୂଜା ସରିବା ପରେ ଏହି ଘଡି ପତୁଲିଙ୍କୁ ଛୋଟ ପିଲାଙ୍କ ମଧ୍ୟରେ ବଣ୍ଟା ଯିବାର ବିଧି ରହିଛି । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ । ଏହାକୁ ବ୍ରତ ରୂପେ ପାଳନ କରାଯାଏ । ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠବର୍ଷରେ ଉଦ୍‌ଯାପନ କରନ୍ତି । କିମ୍ବଦନ୍ତୀରେ ବର୍ଣ୍ଣନା ଅନୁସାରେ ଏହିଦିନ ଜଳଦାନ କଲେ ପୂଣ୍ୟଫଳ ପ୍ରାପ୍ତ ହୋଇଥାଏ । ସେହିଭଳି ଏହି ଦିନ ଲକ୍ଷ୍ମୀଙ୍କ ପୂଜା ମଧ୍ୟ କରାଯାଇଥାଏ । ଏହି ଦିନ ସୁନା କିଣାର ବିଧି ମଧ୍ୟ ରହିଛି ।

## ରଥନିର୍ମାଣର ଶୁଭାନୁକୂଳ

ଏହିତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ କାଠ ଅନୁକୂଳ କରାଯାଏ । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢ଼ି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ନର୍ଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢ଼ି ସ୍ପର୍ଶ କରାଯାଇଥାଏ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ ।

## ଚନ୍ଦନ ଯାତ୍ରା

ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଏତଦ୍‌ବ୍ୟତୀତ ଓଡ଼ିଶାର ଅନ୍ୟ ସ୍ଥାନରେ ମଧ୍ୟ ଚନ୍ଦନ ଯାତ୍ରା ପାଳନ କରାଯାଏ । ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ପର୍ବ । ଏହା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ (ସ୍ନାନପୂର୍ଣ୍ଣିମାର ପୂର୍ବଦିନ) ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ (ଜୈ୍ୟଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ ।



## ଏହି ଦିନର ବିଶେଷତ୍ୱ

❖ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ପାଇଁ ଉଦ୍ଦିଷ୍ଟ ରଥ ନିର୍ମାଣ ଆରମ୍ଭ ।

❖ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚନ୍ଦନଯାତ୍ରାର ଶୁଭାରମ୍ଭ ଏହି ଦିନ ହୋଇଥାଏ ।

❖ବଳଦେବଜୀଉ ମନ୍ଦିରରେ କୃଷିର ଆରାଧ ଦେବ ହଳାୟୁଧ ବଳରାମଙ୍କର ରେବତୀଙ୍କ ସହ ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ ।

❖ବଦ୍ରୀନାଥ ଧାମ ଏହି ଦିନ ଖୋଲାଯାଇଥିବା ବିଧି ରହିଛି ।

❖ସତ୍ୟ ଯୁଗର ତ୍ରେତୟା ଯୁଗର ଆରମ୍ଭ ଏହି ଦିନ ଆରମ୍ଭ ହୋଇଥିଲା ।

❖ସମ୍ବଲପୁରରେ ଶୀତଳଶଷ୍ଠୀ ଯାତ୍ରାର ଶୁଭାରମ୍ଭ ।





# ବିବାଦରେ ମହାକାଶ ପର୍ଯ୍ୟଟନ

ନିକଟରେ ଏକ ମହାକାଶଯାତ୍ରା ଖୁବ ଚର୍ଚ୍ଚା ସାଉଁଟିଛି । ଏହା ଭଲରେ ଇତିହାସ ରଚିଥିବାବେଳେ ବିବାଦରେ ମଧ୍ୟ ରହିଛି । ପ୍ରସିଦ୍ଧ ଗାୟିକା କେଟିପେରିଙ୍କ ସହିତ ଅନ୍ୟ ୫ ଜଣ ଯାତ୍ରୀ ମାତ୍ର ୧୦ ମିନିଟ୍ ପାଇଁ ମହାକାଶ ଯାତ୍ରା କରିଥିଲେ । ହେଲେ ପରେ ବିଭିନ୍ନ କାରଣ ପାଇଁ ଏହି ଯାତ୍ରା ବର୍ତ୍ତମାନ ବିବାଦ ଘେରକୁ ଚାଲିଆସିଛି ।

ମହାକାଶ ଯିବାକୁ ସମସ୍ତଙ୍କର ଏକ ସ୍ୱପ୍ନ ଥାଏ । ତେବେ ବର୍ତ୍ତମାନ ମହାକାଶ ପର୍ଯ୍ୟଟନ ବା ସ୍ପେସ୍ ଟୁରିଜିମ୍‌ର କ୍ରେଜ ଦେଖିବାକୁ ମିଳୁଛି । ବିଶ୍ୱର ଅନେକ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କୁ ଏଥିରେ ଭାଗ ନେଉଥିବାର ଦେଖିବାକୁ ମିଳୁଛି । ସେହିଭଳି ଏକ ମିଶନ ଥିଲା ଏନ୍‌ଏସ୍ – ୩୧ ଯାହା ଲଞ୍ଚ ହେବାପରେ ଖୁବ ଚର୍ଚ୍ଚାରେ ରହିଛି । ଏଥିରେ ପ୍ରସିଦ୍ଧ ସିଙ୍ଗର କେଟି ପେରି, ସାମ୍ବାଦିକା ଗେଲ୍ କିଙ୍ଗ, ଏରୋସ୍ପେସ ଇଞ୍ଜିନିୟର ଐଶ୍ ବୋ, ନାଗରିକ ଅଧିକାରୀ କର୍ମୀ ଅମାଣ୍ଡା ନଗୁୟେନ୍, ଫିଲାନ୍‌ଥ୍ରୋପିଷ୍ଟ ଓ ନିବେଶକ କେରିଆନେନ୍ ଫ୍ଲାୟନ୍, ପାଇଲଟ ଲୌରେନ୍ ସାଞ୍ଚେଜ୍ ସାମିଲ ଥିଲେ । ତେବେ ଏହି ମିଶନ ଆରମ୍ଭରୁ ଏହାକୁ ନେଇ ଖୁବ ଚର୍ଚ୍ଚା ରହିଥିଲା । ଏହାର କ୍ରୁଙ୍କ ଠାରୁ ଆରମ୍ଭ କରି ଏମାନେ ପିନ୍ଧିଥିବା ସ୍ପେସ୍ ସୁଟ୍ ପର୍ଯ୍ୟନ୍ତ ସବୁ ଟ୍ରେଣ୍ଡ୍‌ରେ ଥିଲା । ମିଶନରେ ସମସ୍ତେ ବ୍ଲୁ ରଙ୍ଗର ସ୍ପେସ ସୁଟ୍ ପିନ୍ଧିଥିଲେ, ଯାହା ଖୁବ ଭାଇରାଲ ହୋଇଥିଲା । ତେବେ ପରେ ଏହାକୁ ନେଇ ବିବାଦ ଜୋର ଧରିବାରେ ଲାଗିଛି । ଏହି ବିବାଦରେ ପରିବେଶ ଚିନ୍ତା, ମିଶନର ବଜେଟ୍, ନିଜକୁ ମହାକାଶଚାରୀ ବିବେଚନା କରିବା ଆଦି ସାମିଲ ରହିଛି । ଏଥିରେ ଭାଗନେଇଥିବା ବ୍ୟକ୍ତିଙ୍କ ପାଇଁ କମ୍ପାନୀ ବ୍ଲୁ ଅରିଜିନ୍ ପକ୍ଷରୁ ମହାକାଶଚାରୀ ଶବ୍ଦ ବ୍ୟବହାର ପରେ ଏହାକୁ ନେଇ ବିବାଦ ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ ଏହାକୁ ବିରୋଧ କରାଯାଇଛି । ଜଣେ ମହାକାଶଚାରୀ ହେବାକୁ ହେଲେ ଅନେକ ସମୟ ଲାଗିଥାଏ । ଜଣେ ମହାକାଶଚାରୀଙ୍କୁ ମହାକାଶ ଯିବା ଆଗରୁ ଅନେକ ମାସ ଧରି ପ୍ରଶିକ୍ଷଣ ନେବାକୁ ହୋଇଥାଏ । ସେ ସମ୍ପର୍କିତ ପାଠ ପଢିବାକୁ ହୋଇଥାଏ । ଅନେକ ପରିଶ୍ରମ ପରେ ଜଣେ ମହାକାଶ ଚାରୀ ସାଜିଥାଆନ୍ତି । ଏହାସହ ସେମାନେ ମହାକାଶରେ ମାସମାସ ଧରି ଜୀବନକୁ ବାଜି ଲଗେଇ ଗବେଷଣା କରନ୍ତି, ହେଲେ ମହାକାଶ ପର୍ଯ୍ୟଟନ ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ କେବଳ କିଛି ଧନୀଶ୍ରେଣୀର ବ୍ୟକ୍ତି ନିଜର ଅର୍ଥ ବଳରେ ମହାକାଶକୁ ଯାଇଥାଆନ୍ତି ତାହା ପୁଣି କିଛି ମିନିଟ୍ ପାଇଁ । ଏନ୍‌ଏସ୍ ୩୧ ମିଶନରେ ମଧ୍ୟ ସେହିଭଳି କିଛି ଲୋକ ମହାକାଶକୁ ଯାଇଥିଲେ ଯେଉଁମାନେ ପେଷାରେ ମହାକାଶଚାରୀ ନଥିଲେ । ସେମାନେ କେବଳ ମହାକାଶର ଅନୁଭବ ନେବାପାଇଁ ମାତ୍ର ୧୦ ମିନିଟ୍ ପାଇଁ ଏହି ଯାତ୍ରାରେ ସାମିଲ ହୋଇଥିଲେ । ସେହିଭଳି ଏହି ମିଶନର ବଜେଟ୍‌କୁ ନେଇ ମଧ୍ୟ ଅନେକ ବିରୋଧ ଦେଖିବାକୁ ମିଳୁଛି । ଏହି ମିଶନରେ ଖୁବ ଅଧିକ ଅର୍ଥ ଖର୍ଚ୍ଚ ଯଥା ଏକ ମିଲିଅନରୁ ତିନି ମିଲିଅନ ଡଲାର ହୋଇଥିବା ଜଣା ପଡିବାପରେ ଅନେକ ଲୋକ ଏହାକୁ ନା ପସନ୍ଦ କରିଛନ୍ତି । ଅନେକ ମତ ମହାକାଶ ପର୍ଯ୍ୟଟନ ବିରୋଧରେ ଯାଉଥିବାର ବର୍ତ୍ତମାନ ଦେଖିବାକୁ ମିଳିଛି ।










# କେଉଁ ଅନଲାଇନ୍ ଗେମ୍ ବୈଧ?

ଆପଣ ଜାଣନ୍ତି କି କେଉଁ ଅନଲାଇନ୍ ଗେମ୍ କେଉଁଠି ଖେଳିବା ଆଇନସମ୍ମତ ? କେଉଁଟି କୌଶଳ ବା ବୁଦ୍ଧିର ଖେଳ ଆଉ କେଉଁଟି କେବଳ ଭାଗ୍ୟର ଖେଳ ? ଅଥବା କେଉଁଟି କୌଶଳ ଭାଗ୍ୟର ମିଶାମିଶି ଖେଳ ? କିଛି ବର୍ଷ ହେଲା ଅନଲାଇନ୍ ଗେମ୍ ଖେଳି ଅଳ୍ପ କିଛି ଲୋକ କୋଟିପତି ହୋଇଥିବାବେଳେ ଅଧିକାଂଶ ଲୋକ ସର୍ବସ୍ୱ ହରାଉଥିବା ଦେଖାଯାଉଛି । ଅନଲାଇନ ଗେମରେ କେହି କେହି ଲକ୍ଷାଧିକ ଟଙ୍କା ହରାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ମଧ୍ୟ ନେଉଛନ୍ତି ।

ଏ ନେଇ ପୃଥିବୀ ଓ ଭାରତର ବିଭିନ୍ନ ରାଜ୍ୟ ଭିତରେ ଭିନ୍ନ ଭିନ୍ନ ଆଇନ ରହିଛି । ଗେମ୍ ଓ ଗାମ୍ବଲିଂ ବା ବେଟିଂ ଭିତରେ ଫରକ ରହିଛି । ୧୮୬୭ରେ ଭାରତରେ ପବ୍ଲିକ୍ ଗାମ୍ବଲିଂ ଆକ୍ଟ ତିଆରି କରାଗଲା ବେଳେ ଧାରା-୧୨ରେ କୌଶଳ ବା ବୁଦ୍ଧିର ଖେଳକୁ ଆଇନସମ୍ମତ ରଖାଯାଇଥିଲା । ସେହି ଅନୁସାରେ ଅନେକ ରାଜ୍ୟରେ ଫାଣ୍ଟାସି ସ୍ପୋର୍ଟସ, ରମି, ପୋକର ଭଳି କାର୍ଡ ଖେଳକୁ କୌଶଳର ଖେଳ ବା ଆଇନସମ୍ମତ ଭାବେ ବିବେଚନା କରାଯାଏ ।

ମାତ୍ର ସମ୍ବିଧାନର ଧାରା-୭ ଅନୁସାରେ 'ଗାମ୍ବଲିଂ ଓ ବେଟିଂ' ଏକ ରାଜ୍ୟ ପ୍ରସଙ୍ଗ ହୋଇଥିବାରୁ ଓଡ଼ିଶା, ଆସାମ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଭଳି ରାଜ୍ୟରେ ଅର୍ଥ ଲାଗିଥିବା ସବୁ ପ୍ରକାର ଖେଳକୁ ଗାମ୍ବଲିଂ ବା ଜୁଆ ଭାବରେ ବିବେଚନା କରାଯାଉଛି । ଓଡ଼ିଶା ସବୁ ପ୍ରକାର ଗାମ୍ବଲିଂକୁ ୧୯୫୫ର ଗାମ୍ବଲିଂ ପ୍ରିଭେନସନ୍ ଆକ୍ଟରେ ବେଆଇନ ଘୋଷଣା କରିଛି । ହେଲେ ଏବେ ବି ଗୋଆ ବା ସିକିମରେ କାସିନୋ ଖେଳ ପାଇଁ କିଛି ସଂସ୍ଥାଙ୍କୁ ଲାଇସେନ୍ସ ଦିଆଯାଉଛି ।

ବିଶ୍ୱରେ ବ୍ରିଟେନ, କାନାଡ଼ା, ଅଷ୍ଟ୍ରେଲିଆ ଭଳି କିଛି ଦେଶରେ ଏବେ ଅନଲାଇନ ଗେମ ଆଇନ ସମ୍ମତ ରହିଛି । ହେଲେ ଚୀନ, ସାଉଦି ଆରବ ଓ ଦକ୍ଷିଣ କୋରିଆ ଭଳି କିଛି ଦେଶରେ ବେଆଇନ ରହିଛି । ଭାରତରେ ଅଧିକାଂଶ ରାଜ୍ୟରେ ଏବେ ଫାଣ୍ଟାସି ଗେମ୍ ଭଳି କୌଶଳ-ଭିତ୍ତିକ ଅନଲାଇନ୍ ଗେମ୍ ଆଇନସମ୍ମତ ରହିଛି । ମାତ୍ର ଓଡ଼ିଶାରେ ବେଟିଂ ଭଳି ଲାଗୁଥିବା କୌଣସି ଅର୍ଥଭିତ୍ତିକ ଗେମ ଆଇନସମ୍ମତ ନାହିଁ ।

ଭାରତର ଅନ୍ୟ କିଛି ରାଜ୍ୟରେ ଅନଲାଇନ ଗେମ୍ କମ୍ପାନୀ ଖୋଲି ଡ୍ରୀମ୍ ୧୧ ଓ ମାଇଁ ୧୧ ସର୍କଲ ଭଳି ଗେମିଂ ଆପ୍ ଚଳାଇଥିବା ସଂସ୍ଥାର କେଓ୍ୱାଇସି ପ୍ରାୟତଃ ଠିକ୍ ରହିଥିବା ଦେଖାଯାଉଛ । କେଓ୍ୱାଇସି କହିଲେ, ସଂପୃକ୍ତ କମ୍ପାନୀର ସବୁ ତଥ୍ୟ ଓ୍ୱେବସାଇଟ








ବା ଆପ୍‌ରେ ରହିଥିବାବେଳେ ଏଥିରୁ ଯେଉଁମାନେ ଖେଳିବା ପରେ କୋଟି କୋଟି ଟଙ୍କା ପୁରସ୍କାର ପାଉଛନ୍ତି, ସେମାନଙ୍କଠାରୁ ଆୟକର ଆଇନ ଅନୁସାରେ ୩୦% ଟିଡିଏସ ବା ଟାକ୍ସ ଡିଡକ୍ଟେଡ୍ ଆଟ୍ ସୋର୍ସ କାଟି ନିଆଯାଇ ସରକାରଙ୍କୁ ଦିଆଯାଉଛି । ଏହାପରେ କମ୍ପାନୀ ଏଥରୁ ୧୮% ଜିଏସଟି କାଟି ସରକାରଙ୍କୁ ଦେଉଛି । ଉଦାହରଣ ସ୍ୱରୂପ ୩ କୋଟି ଟଙ୍କା ପୁରସ୍କାର ଜିତିଥିବା ଜଣେ ବ୍ୟକ୍ତି ଆକାଉଣ୍ଟରେ ପ୍ରକୃତ ଟଙ୍କା ପାଇଲା ବେଳକୁ ତାହା ପାଖାପାଖି ୧ କୋଟି ୮୦ ଲକ୍ଷ ଟଙ୍କା ଭଳି ହୋଇଯାଉଛ । ଅନେକ ଅନଲାଇନ୍ ଗେମ୍ ଚଳାଉଥିବା ସଂସ୍ଥାର ବ୍ୟାକସାଇଡ୍ ସଫ୍ଟଓ୍ୱେର ସ୍ୱଚ୍ଛ ନୁହେଁ, ଏଥିରେ ଘୋଟାଲାର ଆଶଙ୍କା ରହିଥିବା ଅଭିଯୋଗ ଆସୁଛି । କୌଶଳ ଓ ସ୍ୱଚ୍ଛତା ବିନା ଅନଲାଇନ ଗେମ୍ ସମାଜରେ ଏକ ବିଷାକ୍ତ ପରିବେଶ ସୃଷ୍ଟି କରୁଛି ।




# ବିସିସିଆଇର ବାର୍ଷିକ ଚୁକ୍ତି

## କାହାର ହେଲା ପ୍ରମୋସନ, କିଏ ହରାଇଲେ କଣ୍ଟ୍ରାକ୍ଟ?

ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ବା ବିସିସିଆଇ ପକ୍ଷରୁ ଆଜି ବାର୍ଷିକ ଚୁକ୍ତିରେ ଥିବା ଖେଳାଳିଙ୍କ ତାଲିକା ଜାରି କରାଯାଇଛି । ଅନେକ ଷ୍ଟାର ଖେଳାଳି ବିସିସିଆଇର କେନ୍ଦ୍ରୀୟ ଚୁକ୍ତିକୁ ଫେରିଥିବା ବେଳେ କିଛି ଖେଳାଳି କଣ୍ଟ୍ରାକ୍ଟରୁ ବାଦ ପଡ଼ିଛନ୍ତ । ଖେଳାଳିମାନଙ୍କୁ ମୋଟ ୪ଟି ବର୍ଗରେ ରଖାଯାଇଛି । ଭାରତର ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ରୋହିତ ଶର୍ମା ପୂର୍ବ ଭଳି କଣ୍ଟ୍ରାକ୍ଟ ଏରେ ରହିଛନ୍ତି । ସେହିପରି ଷ୍ଟାର ବ୍ୟାଟର ବିରାଟ କୋହଲି, ସ୍ପିଡ ଷ୍ଟର ଯଶପ୍ରୀତ ବୁମ୍ରା ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ମଧ୍ୟ ବିସିସିଆଇ ପୂର୍ବଭଳି କଣ୍ଟ୍ରାକ୍ଟ ଏ ଅର୍ଥାତ ସର୍ବୋଚ୍ଚ ବର୍ଗରେ ରଖିଛି ।

ନିୟମ ଅନୁସାରେ, କ୍ରିକେଟର ୩ଟି ଯାକ ଫର୍ମାଟ ଅର୍ଥାତ ଟେଷ୍ଟ, ଦିନିକିଆ ଓ ଟି-୨୦ ମ୍ୟାଚ ଖେଳୁଥିବା ଖେଳାଳିଙ୍କୁ ବିସିସିଆଇ କଣ୍ଟ୍ରାକ୍ଟ ଏରେ ରଖିଥାଏ । ହେଲେ ରୋହିତ, ବିରାଟ ଓ ଜାଡେଜା ୨୦୨୪ ଟି-୨୦ ବିଶ୍ୱକପ ଜିତିବା ପରେ ଏହି ଫର୍ମାଟରୁ ଅବସର ନେଇ ସାରିଛନ୍ତି । ଏବେ ୩ ଖେଳାଳି କେବଳ ଦିନିକିଆ ଓ ଟେଷ୍ଟ କ୍ରିକେଟ ଭାରତ ପାଇଁ ଖେଳୁଛନ୍ତି । ତଥାପି ଏହି ୩ ଖେଳାଳଙ୍କୁ କଣ୍ଟ୍ରାକ୍ଟ ଏ କାଟାଗୋରୀରେ ରଖାଯାଇଛି । ଘରୋଇ କ୍ରିକେଟ ଖେଳିବାକୁ ମନା କରିବାରୁ ୨୦୨୪ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଶ୍ରେୟସ ଆୟର ଓ ଈଶାନ କିଶନଙ୍କୁ ବିସିସିଆଇ ବାଦ ଦେଇଥିଲା । ହେଲେ ଏବେ ଉଭୟ ବିସିସିଆଇ ସହ ଚୁକ୍ତିବଦ୍ଧ ହୋଇଛନ୍ତି । ଚୁକ୍ତିବଦ୍ଧ ହୋଇଥିବା ମୋଟ ୩୪ ଜଣ ଖେଳାଳିଙ୍କ ମଧ୍ୟରେ ଶ୍ରେୟସ ଓ ଈଶାନଙ୍କ ନାଁ ରହିଛ । ଶ୍ରେୟସ ଆୟର ବି କାଟାଗୋରୀରେ ରହିଥିବା ବେଳେ ଈଶାନଙ୍କୁ ବିସିସିଆଇ ସି ବର୍ଗରେ ରଖିଛି ।

ଶ୍ରେୟସ ଆୟର ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଦମଦାର ପ୍ରଦର୍ଶନ କରିଥିଲେ । ସେହିପରି ସେ ଭାରତ ଚାମ୍ପିୟନ୍ସ ଟ୍ରଫି ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବିସିସିଆଇ ତାଙ୍କୁ ବି ବର୍ଗରେ ରଖିଥିବାରୁ ସେ ବାର୍ଷିକ ୩ କୋଟି ଟଙ୍କା ପାଇବେ । ଈଶାନ ସି ବର୍ଗରେ ଥିବାରୁ ତାଙ୍କୁ ବାର୍ଷିକ ୧ କୋଟି ଟଙ୍କା ମିଳିବ । ଅଷ୍ଟ୍ରେଲିଆ ଟୁର ଅଧାରେ ଅନ୍ତର୍ଜାତୀୟ କ୍ରିକେଟକୁ ରବିଚନ୍ଦ୍ରନ ଅଶ୍ୱିନ ଅଲବିଦା କହିଥିଲେ । ତେଣୁ ବିସିସିଆଇ ତାଙ୍କ ସହ ୨୦୨୫ ବର୍ଷ ପାଇଁ କୌଣସି ଚୁକ୍ତି କରିନାହିଁ । ଅଶ୍ୱିନ ସେଣ୍ଟ୍ରାଲ ଚୁକ୍ତିର ଏ ବର୍ଗରେ ରହିଥିଲେ । ତାଙ୍କ ବଦଳରେ ଏବେ ୱିକେଟ କିପର ବ୍ୟାଟର ଋଷଭ ପନ୍ତଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟର ଏ ବର୍ଗକୁ ପ୍ରମୋସନ ମିଳିଛି । କାର ଦୁର୍ଘଟଣାରେ ଆହତ ହୋଇ ବର୍ଷେରୁ ଅଧିକ ଦିନ କ୍ରିକେଟରୁ ଦୂରେଇ ରହିଥିବା ପନ୍ତଙ୍କୁ ପୂର୍ବରୁ ବିସିସିଆଇ ବି ବର୍ଗରେ ରଖିଥିଲା । ଏବେ ତାଙ୍କର ପ୍ରମୋସନ ହୋଇଛି । ସର୍ଫରାଜ ଖାନ, ନୀତୀଶ କୁମାର ରେଡ୍ଡୀ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା ପ୍ରଥମଥର ପାଇଁ ବିସିସିଆଇର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସାମିଲ ହୋଇଛନ୍ତି । କିନ୍ତୁ ଶାର୍ଦ୍ଦୁଲ ଠାକୁର, ଜିତେଶ ଶର୍ମା, କେଏଲ ଭରତ ଓ ଆଭେଶ ଖାନ ସେଣ୍ଟ୍ରାଲ ଚୁକ୍ତିରୁ ବାଦ ପଡ଼ିଛନ୍ତି ।

### ବିସିସିଆଇ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ୨୦୨୪-୨୫

**ଗ୍ରେଡ ଏ ପ୍ଲସ୍ :** ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ ବୁମ୍ରା ଓ ରବୀନ୍ଦ୍ର ଜାଡେଜା

**ଗ୍ରେଡ ଏ :** ମହମ୍ମଦ ସିରାଜ, କେଏଲ ରାହୁଲ, ଶୁବମନ ଗିଲ, ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ଶାମି ଓ ଋଷଭ ପନ୍ତ ।

**ଗ୍ରେଡ ବି :** ସୂର୍ଯ୍ୟ କୁମାର ଯାଦବ, କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୈସ୍ୱାଲ ଓ ଶ୍ରେୟସ ଆୟର ।

**ଗ୍ରେଡ ସି:** ରିଙ୍କୁ ସିଂହ, ତିଲକ ବର୍ମା, ଋତୁରାଜ ଗାଏକ୍ୱାଡ, ଶିବମ ଦୁବେ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ରଜତ ପାଟିଦାର, ଧ୍ରୁବ ଜୁରେଲ, ସର୍ଫରାଜ ଖାନ, ନୀତୀଶ କୁମାର ରେଡ୍ଡୀ, ଈଶାନ କିଶନ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା ।

ଏ ଚୁକ୍ତିରେ ରହୁଥିବା ଖେଳାଳି ବାର୍ଷିକ ୭ କୋଟି, ଏ ଗ୍ରୁପରେ ଥିବା ଖେଳାଳିଙ୍କୁ ୫ କୋଟି, ବି ଗ୍ରୁପରେ ଥିବା ଖେଳାଳିଙ୍କୁ ୩ କୋଟି ଓ ଗ୍ରୁପ ସି'ରେ ଥିବା ଖେଳାଳିଙ୍କୁ ବିସିସିଆଇ ୧ କୋଟି ଲେଖାଏ ଟଙ୍କା ଦେଇଥାଏ । କେଉଁ ଖେଳାଳି କେଉଁ ଗ୍ରୁପରେ ରହିବେ, ସେ ନିଷ୍ପତ୍ତି ବସିସିଆଇ ଜାତୀୟ ଚୟନ କମିଟି ସହ ମିଶି ନେଇଥାଏ । କଣ୍ଟ୍ରାକ୍ଟ ଏ ଓ ଏ ଗ୍ରୁପରେ ରହୁଥିବା ଖେଳାଳିମାନେ ସବୁ ଫର୍ମାଟର ସକ୍ରିୟ ସଦସ୍ୟ ଥିବେ କିମ୍ବା ଟେଷ୍ଟ ସହ ସୀମିତ ଓଭରର ଗୋଟିଏ ଫର୍ମାଟରେ ନିୟମିତ ଖେଳୁଥିବେ । ଗ୍ରୁପ ବି'ରେ ସ୍ଥାନ ପାଉଥିବା ଖେଳାଳି ଅତିକମରେ ୨ଟି ଫର୍ମାଟ ଖେଳୁଥିବା ଦରକାର । ସେହିପରି ଗ୍ରୁପ ସି'ର ଖେଳାଳି ସାଧାଣତଃ ଗୋଟିଏ ଫର୍ମାଟରେ ଖେଳି ଥାଆନ୍ତି ।



# ଗ୍ଲୋବାଲ ଷ୍ଟାର ଆଲାନ୍

ବିଶ୍ୱର ଜଣେ ପରିଚିତ ଡିଜେ ଭାବେ ଆଲାନଙ୍କର ରହିଛି ଖୁବ ଲୋକପ୍ରିୟତା । ବର୍ତ୍ତମାନ ସେ ଭାରତ ଟୁରରେ ଆସିଛନ୍ତି, ଯେଉଁଥିରେ ସେ ଭାରତର ବିଭିନ୍ନ ସହର ଯେପରି ଭୁବନେଶ୍ୱର, ଦିଲ୍ଲୀ, ମୁମ୍ବାଇ, ଗୌହାଟି ଆଦି ସ୍ଥାନରେ ନିଜ ମ୍ୟୁଜିକ୍‌ର ଯାଦୁ ଦେଖାଉଛନ୍ତି । ତାଙ୍କ କନର୍ସଟ ଗୁଡିକରେ ଅନେକ ଲୋକ ରୁଣ୍ଡ ହେଉଥିବାର ମଧ୍ୟ ଦେଖିବାକୁ ମିଳୁଛି । ମାତ୍ର ୨୯ ବର୍ଷ ବୟସରେ ସେ ପାଲଟିଛନ୍ତି ବିଶ୍ୱର ଲୋକପ୍ରିୟ ଡିଜେ । ଯାହାର ଡିଜେର ତାଳେତାଳେ ସମସ୍ତେ ନୃତ୍ୟ କରୁଥିବାର ଦେଖିବାକୁ ମିଳୁଛି । ୧୯୯୭ରେ ନରୱେରେ ଜନ୍ମିତ ଆଲାନ୍‌ଙ୍କର ପିଲାଦିନୁ କମ୍ପ୍ୟୁଟର ଗେମ୍ ଓ ଗ୍ରାଫିକ୍ ଡିଜାଇନ୍ ପାଇଁ ଖୁବ ଦୁର୍ବଳତା ରହିଥିଲା । ତାଙ୍କ ପିଲାଦିନ ପ୍ଲେ ଷ୍ଟେସନ  ସହିତ ଅନ୍ୟ ଗେମ୍ ଖେଳି ବିତିଥିଲା । ୨୦୧୦ରେ ସେ ଡାନିଏଲ୍‌ସେନ ମିଡିଲ୍ ସ୍କୁଲ ଯାଇଥିଲେ ପାଠ ପଢିବାକୁ ସେଠାରେ ତାଙ୍କର ମ୍ୟୁଜିକ୍ ପ୍ରତି ଆଗ୍ରହ ବଢିଥିଲା । ସେ ସ୍କୁଲରେ ପଢିବା ସମୟରେ ହିଁ ମ୍ୟୁଜିକ୍ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ । ଧୀରେଧୀରେ ସେ ବିଟ୍ ପ୍ରସ୍ତୁତ କରିବା ପାଇଁ ୟୁଟ୍ୟୁବର ସାହାଯ୍ୟ ନେଇଥିଲେ । ଏହାସହ ସେ କିଛି ପ୍ରଶିକ୍ଷକ ବା ପ୍ରସିଦ୍ଧ ଡିଜେଙ୍କ ଠାରୁ ମଧ୍ୟ ଏହି କାମକୁ ଶିକ୍ଷା କରିଥିଲେ । ସେ ପ୍ରଥମେ ଏଫ୍‌ଏଲ୍ ଷ୍ଟୁଡିଓ ବ୍ୟବହାର କରି ନିଜ ଲାପ୍‌ଟପ୍‌ରେ ମ୍ୟୁଜିକ୍ ବିଟ୍ ପ୍ରସ୍ତୁତ କରି ଅନ୍‌ଲାଇନ୍ ପୋଷ୍ଟ କରିଥିଲେ । ଏହାପରେ ନିଜ ଫ୍ୟାନଙ୍କ ପରାମର୍ଶରେ ସେ ଆଉ କିଛି ଭିଡିଓ ଅନ୍‌ଲାଇନ୍ ପୋଷ୍ଟ କରିଥିଲେ । ଏହାପରେ ୨୦୧୪ରେ ସେ ନିଜର ପ୍ରଥମ ସିଙ୍ଗଲ ଡେବ୍ୟୁ ସାଇନ୍ କରିଥିଲେ । ତାଙ୍କ ଗୀତ ଫେଡ୍‌କୁ ପ୍ରଥମେ ସେ ୨୦୧୪ରେ ୟୁଟ୍ୟୁବ୍‌ରେ ରିଲିଜ୍ କରିଥିଲେ । ଏହାକୁ ପୁଣିଥରେ ସେହିବର୍ଷ ରେକର୍ଡ ଫର୍ମାଟରେ ରି ରିଲିଜ୍ କରାଯାଇଥିଲା । ଏହି ଗୀତଟି ଆଲାନ୍‌ଙ୍କୁ ଖୁବ ଫେମ୍ ଦେଇଥିଲା । ଦର୍ଶକ ଏହାର ବିଟ୍‌ର ଫ୍ୟାନ୍ ବନିଯାଇଥିଲେ । ଏହିଠାରୁ ତାଙ୍କୁ ସମଗ୍ର ବିଶ୍ୱରେ ଫେମ୍ ମିଳିବା ଆରମ୍ଭ ହୋଇଥିଲା । ଏହି ଟ୍ରାକ୍‌ଟି ମାଇଲ୍‌ଷ୍ଟୋନ ଦେଖିଥିଲା, ଯାହା ପରଠାରୁ ଆଲାନ୍‌ଙ୍କୁ ଗୋଟିଏ ପରେ ଗୋଟିଏ ସଫଳତା ମିଳିଚାଲିଥିଲା । ଏହାପରେ ତାଙ୍କର ଅନେକ ଟ୍ରାକ ଯେପରି ଏଲୋନ, ନଟ୍ ୟୁ, ଲିଲି, ଫେଡେଡ୍,ଡାର୍କ ସାଇଡ୍, ଲିଲି ଆଦି ଆସିଥିଲା ଯାହା ତାଙ୍କୁ ବିଶ୍ୱର ସବୁଠାରୁ ଭଲ ଡିଜେର ଆଖ୍ୟା ଦେଇଥିଲା । ତାଙ୍କ ବିଟ୍ ପାଇଁ ତାଙ୍କୁ ଅନେକ ସମ୍ମାନ ମିଳିଛି ଏହାସହ ବିଶ୍ୱର ୧୦୦ ଜଣ ଟପ୍ ଡିଜେଙ୍କ ଭିତରେ ସେ ସବୁବେଳେ ସ୍ଥାନ ପାଇ ଆସୁଛନ୍ତି । ତାଙ୍କ ମ୍ୟୁଜିକ୍‌ର ବିଶେଷଭାବେ ଯୁବପିଢି ଫ୍ୟାନ୍ ରହିଥାଆନ୍ତି । ସେହିଭଳି ତାଙ୍କର ବିଶ୍ୱର ସବୁଦେଶରେ ଫ୍ୟାନ୍ ଦେଖିବାକୁ ମିଳନ୍ତି, ଯେଉଁମାନେ ତାଙ୍କ ବିଟ୍ ଓ ଟ୍ରାକକୁ ଖୁବ ଭଲ ପାଇବା ଦେଇଥାଆନ୍ତି । ଆଲାନ୍‌ଙ୍କ ପୁରା ଟିମ୍ ଖୁବ ପରିଶ୍ରମ କରନ୍ତି ଗୋଟିଏ ଗୋଟିଏ ଟ୍ରାକ୍ ପ୍ରସ୍ତୁତ କରିବାକୁ । ଆଲେନ୍ ନିଜର ସିଗ୍‌ନେଚର ମାର୍କ ଭାବେ ଏକ ହୁଡି ଓ ମାସ୍କକୁ ବ୍ୟବହାର କରନ୍ତି । ତାଙ୍କୁ ସବୁ ସମୟରେ ଏହି ମାସ୍କ ଓ ହୁଡି ପିନ୍ଧିଥିବାର ଦେଖିବାକୁ ମିଳିଥାଏ । ସେହିଭଳି ସେ ଆଲେନ୍‌ର ଏ ଓ ୱାକରର ଡବ୍ଲ୍ୟୁକୁ ବ୍ୟବହାର କରି ଏକ ଲୋଗୋକୁ ବ୍ୟବହାର କରନ୍ତି । ସେ ସୁନ୍ଦରୀ ଭିଭି ନିଏମିଙ୍କୁ ଡେଟ୍ କରୁଛନ୍ତି ଉଭୟ ପାଖାପାଖି ୬ ବର୍ଷ ଧରି ରିଲେସନ୍‌ରେ ଅଛନ୍ତି । ସେହିଭଳି ଉଭୟ ପ୍ରଥମେ ଫିନ୍‌ଲାଣ୍ଡରେ ଦେଖା ହୋଇଥିବା ନେଇ ନିଜେ ଆଲାନ୍ ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ ।

**ନିଜର ଭାରତ ଟୁରକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି ଅନ୍ତର୍ଜାତୀୟ ଡିଜେ ଆଲାନ୍ ୱାକର । ଯାହାଙ୍କର କନସର୍ଟ ଦେଖିବାକୁ ବିଭିନ୍ନ ସହରରେ ଭିଡ ଦେଖିବାକୁ ମିଳୁଛି । ତାଙ୍କର ସଙ୍ଗୀତର ଯାଦୁ ବର୍ତ୍ତମାନ ଯୁବପିଢି ଉପରେ ଯେପରି ଛାଇଯାଇଛି ।**



